୬ ଟି-୨୦ ବିଶ୍ୱକପ୍‌ର ୮ ବର୍ଷ ପରେ ଜିମ୍ବାୱେ ଗସ୍ତରେ ଯିବ ଟିମ୍ ଇଣ୍ଡିଆ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨ ● ୭ ଫେବୃୟାରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-12 ● 7th February 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24







## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# 'ମୁଖ୍ୟମନ୍ତ୍ରୀ କଳାକାର ଯୋଜନା'ରେ ସାମିଲ ହେବେ ଆଉ ତିରିଶ ହଜାର କଳାକାର

**ଭୁବନେଶ୍ୱର, ୬।୨**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ଆଉ ତିରିଶ ହଜାର କଳାକାରଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ପ୍ରମୁଖ ଯୋଜନା।

୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରିବା ପାଇଁ କଳାକାର ଓ ସେମାନଙ୍କର ସଂଗଠନ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ



ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ୫୦,୦୦୦ କଳାକାରମାନଙ୍କୁ ମାସିକ ୧୨୦୦ ଟଙ୍କା(ବାର ଶହ ଟଙ୍କା) ସହାୟତା ରାଶି ପ୍ରଦାନ କରାଯାଉଛି ।

ବର୍ତ୍ତମାନ ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୫୦ ହଜାରରୁ ୮୦ ହଜାରକୁ ବୃଦ୍ଧି କରାଯାଇଛି । ଏହା ଦ୍ୱାରା ରାଜ୍ୟର ଆଉ ୩୦ ହଜାର କଳାକାର ଏଥିରେ ଉପକୃତ ହେବେ ।

ଆମର ଲୋକକଳା ଗୁଡିକ ଆମ ଜାତିର ଅସ୍ମିତା ଏବଂ କଳାକାର ମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ ତଥା ବାର୍ତ୍ତାବହ। ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରାଯିବା ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାରମାନେ ଉତ୍ସାହିତ ଓ ଉପକୃତ ହେବେ । ଏହା ଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବ।

# ବିଧାନସଭାରେ ବେଦାନ୍ତ ତାତି ନରସିଂହ ଦେଲେ ଧାରଣା

**ଭୁବନେଶ୍ୱର, ୬।୨**
**ନ୍ୟୁଜ୍ ବ୍ୟୁରୋ**



ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଜମି ପ୍ରଦାନ ମାମଲାରେ ମାନ୍ୟବର ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଏଯାବତ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ଦର୍ଶାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହା ଉପରେ ବାଚସ୍ପତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରିଥିଲେ। ତେବେ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗରେ ଅନୁଧ୍ୟାନ କରି ପରବର୍ତ୍ତୀ ସମୟରେ ସମ୍ପୃକ୍ତ ବିଧାୟକଙ୍କୁ ଜଣାଇବେ ବୋଲି କହିଥିଲେ। ମାତ୍ର ଶ୍ରୀ ମିଶ୍ର ନିର୍ଦ୍ଦିଷ୍ଟ ଭାବେ ରାଜ୍ୟ ସରକାରଙ୍କୁ କେବେ ସୁଦ୍ଧା ନିର୍ଦ୍ଦେଶ ଦେବେ ଏବଂ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ, ସେ ସମ୍ପର୍କରେ ବାଚସ୍ପତିଙ୍କ ଠାରୁ ରୁଲିଂ ଚାହିଁଥିଲେ। ଯଦି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବାଚସ୍ପତି ସରକରଙ୍କୁ ନିର୍ଦ୍ଦେଶ ନ ଦିଅନ୍ତି, ତାହେଲେ ସେ ଗୃହରେ ଧାରଣା ଦେବେ ବୋଲି ଚେତାଇ ଦେଇଥିଲେ। ବାଚସ୍ପତି ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ ଯେ, ସେ ଉଠାଇଥିବା ଦାବି ସମ୍ପର୍କରେ ଅନୁଧ୍ୟାନ କରି ନିଶ୍ଚିତ ଭାବେ ଖୁବ୍ ଶୀଘ୍ର ତାଙ୍କୁ ଜଣାଇଦେବେ। ତେବେ ଶ୍ରୀ ମିଶ୍ର ଏଥିରେ ସନ୍ତୁଷ୍ଟ (ପୃଷ୍ଠା ୭ରେ)

# ପ୍ରଶ୍ନପତ୍ର ଲିକ୍ କଲେ ୧୦ ବର୍ଷ ଜେଲ, ଲୋକସଭାରେ ବିଲ୍ ପାସ୍



**ନୂଆଦିଲ୍ଲୀ, ୬।୨**

ବିଭିନ୍ନ ସରକାରୀ ପ୍ରବେଶିକା ପରୀକ୍ଷା ପୂର୍ବରୁ ହେଉଥିବା ପ୍ରଶ୍ନପତ୍ର ଲିକ୍ ଉପରେ ଲାଗିବ ରୋକ। କାରଣ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ସରକାର ଆଣିଥିବା ବିଲ ମଙ୍ଗଳବାର ଲୋକସଭାରେ ପାସ୍ ହୋଇଛି।

ବୁଧବାର Public Examinations (Prevention of Unfair Means) Bill ରାଜ୍ୟସଭାରେ ଉପସ୍ଥାପନ ହେବ। ରାଜ୍ୟସଭାରେ ଏହା ପାରିତ ହୋଇଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଯିବ। ସେ ମୋହର ମାରିବା କ୍ଷଣି ପେପର ଲିକ୍ ଓ ପରୀକ୍ଷାରେ ହେଉଥିବା ହେରଫେରକୁ ରୋକିବା ପାଇଁ ଆସିଥିବା ବିଲ୍ ଆଇନରେ ପରିଣତ ହୋଇଯିବ।

ବିଲ ଦ୍ୱାରା ସ୍ୱଚ୍ଛତା ଓ ନିରପେକ୍ଷତା ସହ ପରୀକ୍ଷା ଦେଉଥିବା ପିଲାଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ଯେଉଁମାନେ ପେପର ଲିକ୍ କରିବେ କିମ୍ବା ଉତ୍ତର ଖାତାରେ ହେରଫେର କରିବେ, ସେମାନଙ୍କୁ ୧୦ ବର୍ଷ ଯାଏ ଜେଲ ସହ ୧ କୋଟି ଟଙ୍କାର ଜୋରିମାନା ଦେବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପରୀକ୍ଷା ସହ ଜଡ଼ିତ ସମସ୍ତ ଅପରାଧକୁ ଜାମିନ ବିହୀନ ଓ କେବଳ ଜୋରିମାନାହୀନ କରାଯାଇଛି। ଏହାର ଅର୍ଥ ପୁଲିସ ନିଜ ଇଚ୍ଛା ଅନୁସାରେ ବିନା ୱାରେଣ୍ଟରେ ସନ୍ଦିଗ୍ଧଙ୍କୁ ଗିରଫ କରିପାରିବ। ଅଭିଯୁକ୍ତଙ୍କୁ ଜାମିନ ମିଳିବ ନାହିଁ । ସେହିପରି (ପୃଷ୍ଠା ୭ରେ)






## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ ହେଲେ ଆଉ ୪ ଲକ୍ଷ

**ଭୁବନେଶ୍ୱର, ୬।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥା ମଧୁବାବୁ ପେନସନ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ବୟସ୍କ ବ୍ୟକ୍ତିଙ୍କ ପାଇଁ ଖୁସିର ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନ ଯୋଜନାରେ ଆଉ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ।

ଏହାଦ୍ୱାରା ରାଜ୍ୟର ସମୁଦାୟ ମଧୁବାବୁ



ପେନସନ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ ଲକ୍ଷରୁ ବୃଦ୍ଧି ପାଇ ୩୬.୭୫ ଲକ୍ଷରେ ପହଞ୍ଚିବ। ରାଜ୍ୟ ସରକାର ଏଥିପାଇଁ ମାସକୁ ୧୯୦.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଲୋକମାନେ ଏହି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଆବେଦନକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ (ପୃଷ୍ଠା ୭ରେ)

# ୟୁପିଏ ସରକାରଙ୍କ ଆର୍ଥିକ କୁପ୍ରବନ୍ଧନ ଉପରେ ଶ୍ୱେତପତ୍ର ଆଣିବେ ମୋଦି ସରକାର

**ନୂଆଦିଲ୍ଲୀ, ୬।୨**

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର (୨୦୦୪-୨୦୧୪)ଙ୍କ ୧୦ ବର୍ଷରେ ଆର୍ଥିକ କୁପ୍ରବନ୍ଧନକୁ ନେଇ ମୋଦି ସରକାର ସଂସଦରେ ଶ୍ୱେତପତ୍ର ଆଣିବେ। ଏହି ଶ୍ୱେତପତ୍ର ସଂସଦରେ ଆସନ୍ତା ଶୁକ୍ରବାର ଅଥବା ଶନିବାର ଉପସ୍ଥାପିତ ହେବ। ଶ୍ୱେତପତ୍ରରେ ସରକାରଙ୍କ ଆର୍ଥିକ କୁ ପ୍ରବନ୍ଧନ ବ୍ୟତୀତ ୟୁପିଏ ସରକାରଙ୍କ କାଳରେ ଯେଉଁ ପଦକ୍ଷେପ ନିଆଯାଇ ପାରିଥାନ୍ତା ଓ ଏହା ଦ୍ୱାରା ଦେଶକୁ ମିଳିବାକୁ ଥିବା ସକରାତ୍ମକ ପରିଣାମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଏହା ସହିତ ପତ୍ରରେ ଭାରତର (ପୃଷ୍ଠା ୭ରେ)



# ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ଦାବି, ପ୍ରସଙ୍ଗ ଉଠାଇଲେ ବିଜେଡ଼ି ସାଂସଦ

**ଭୁବନେଶ୍ୱର, ୬।୨ : ନ୍ୟୁଜ୍ ବ୍ୟୁରୋ**

ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଉଠିଲା ଦାବି । ରାଜ୍ୟସଭାରେ ଏହି ଦାବି ଉଠାଇଛନ୍ତି ବିଜେଡ଼ି ସାଂସଦ ମାନସ ମଙ୍ଗରାଜ। ଆଇଏମଡିର ତଥ୍ୟକୁ ଉପସ୍ଥାପନା କରିବା ସହ ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ସେ ଦାବି କରିଛନ୍ତି। ଶ୍ରୀ ମଙ୍ଗରାଜ ରାଜ୍ୟସଭାରେ କହିଛନ୍ତି ଯେ, ବଜ୍ରପାତ ଯୋଗୁଁ କେମିତି ଲୋକଙ୍କ (ପୃଷ୍ଠା ୭ରେ)



# ଆରବିଆଇର ମୁଦ୍ରାନୀତି କମିଟି ବୈଠକ, ସ୍ଥିର ରହିପାରେ ରେପୋ ହାର

**ମୁମ୍ବାଇ, ୬।୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମୁଦ୍ରା ନୀତି କମିଟି (ଏମପିସି)ର ଦ୍ୱିମାସିକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖୁଚୁରା ମୁଦ୍ରାସ୍ଫୀତି ଉଚ୍ଚସ୍ତରକୁ ପହଞ୍ଚିଥିବା ବେଳେ ସ୍ୱଳ୍ପ କାଳୀକ ଋଣ ହାର ସ୍ଥିର ରହିପାରେ ବୋଲି ଏବେ ଅନୁମାନ କରାଯାଉଛି। ପାଖାପାଖି ୧ ବର୍ଷ ହେଲା ଆରବିଆଇ ସ୍ୱଳ୍ପ କାଳୀକ ଋଣ ହାର ଅର୍ଥାତ ରେପୋ ହାରକୁ ୬.୫ ପ୍ରତିଶତରେ ସ୍ଥିର



ରଖିଛନ୍ତି।


ତେବେ ବୈଶ୍ୱିକ ଘଟଣାକ୍ରମକୁ ନେଇ ବଢି ରହିଥିବା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନିମନ୍ତେ ଫେବୃଆରୀ ୨୦୨୩ରେ ଶେଷ ଥର ସୁଧହାର ବୃଦ୍ଧି ହୋଇଥିଲା। ସେତେବେଳେ ୬.୨୫ ପ୍ରତିଶତରୁ ଏହାକୁ ବଢାଇ ୬.୫ ପ୍ରତିଶତ କରାଯାଇଥିଲା। ଖୁଚୁରା ମୁଦ୍ରାସ୍ଫୀତି ଜୁଲାଇ ୨୦୨୩ରେ ୭.୪୪ ପ୍ରତିଶତର ଉଚ୍ଚତମ ସ୍ତରକୁ ପହଞ୍ଚିଥିଲା। ତେବେ ଏହା ପରେ ଏଥିରେ ହ୍ରାସ ଦେଖାଯାଇଥିଲା। ଡିସେମ୍ବର ୨୦୨୩ରେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯ ପ୍ରତିଶତକୁ ହ୍ରାସ ହୋଇଥିଲା, ଯାହା ଆରବିଆଇର ସନ୍ତୋଷଜନକ ସ୍ତର ୪ ପ୍ରତିଶତ (୨ପ୍ରତିଶତ ଅଧିକ ଅଥବା କମ୍) ଅନ୍ତର୍ଗତ ହୋଇଥିଲା। (ପୃଷ୍ଠା ୭ରେ)

# ଜାରି ହେଲା ସିବିଏସ୍‌ଇ ୧୦ମ ଓ ୧୨ଶ ଶ୍ରେଣୀ ବୋର୍ଡ ପରୀକ୍ଷା ଆଡମିଟ କାର୍ଡ

**ନୂଆଦିଲ୍ଲୀ, ୬।୨**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ୧୦ମ ଓ ୧୨ଶ ଶ୍ରେଣୀ ବୋର୍ଡ ପରୀକ୍ଷା ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ପ୍ରବେଶ ପତ୍ର ବା ଆଡମିଟ କାର୍ଡ ଜାରି କରାଯାଇଛି । ଏସବୁ ଆଡମିଟ କାର୍ଡ ସିବିଏସଇ cbse.gov.in ଅଫିସିଆଲ ୱେବସାଇଟରେ ଉପଲବ୍ଧ । ସ୍କୁଲମାନେ ଏହି ପୋର୍ଟାଲ ମାଧ୍ୟମରେ (ପୃଷ୍ଠା ୭ରେ)

# ବିଶ୍ୱର ଚତୁର୍ଥ ସବୁଠୁ ଧନୀ ସହର ମୁମ୍ବାଇ, ରହିଛନ୍ତି ୪୨ ବିଲେନିୟର୍ସ



**ନୂଆଦିଲ୍ଲୀ, ୬।୨**

ବିଶ୍ୱର ଚତୁର୍ଥ ସବୁଠୁ ଧନୀ ସହର ହେଉଛି ମୁମ୍ବାଇ। ମାୟାନଗରୀରେ ରହିଛନ୍ତି ୨୯ ବିଲେନିୟର୍ସ। ସେହିଭଳି ୨୩୬ ଜଣ ଧନୀ ଏଭଳି ଅଛନ୍ତି ଯେଉଁମାନଙ୍କ ମୋଟ ସମ୍ପତ୍ତି ୧ ବିଲିୟନ ଡଲାରରୁ ଅଧିକ ରହିଛି। ନ୍ୟୁ ୱାର୍ଲ୍ଡ ୱେଲ୍ଥ ସହ ହେନଲେ ଆଣ୍ଡ ପାର୍ଟନର୍ସଙ୍କ ତରଫରୁ ପ୍ରକାଶିତ ଏକ ନୂଆ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି।

ସେହିଭଳି ତାଲିକାର ଟପ୍ ୧୦ ସବୁଠୁ ଧନୀ ସହର ତାଲିକାରେ ଚୀନର ବେଜିଂ ସହର ରହିଛି। ଏହି ସହରରେ ୪୨ ବିଲେନିୟରଙ୍କ ସମେତ ୧ ବିଲିୟନ ଡଲାରରୁ ଅଧିକ ମୋଟ ସମ୍ପତ୍ତି ଥିବା ୩୨୨ ଲୋକ ଅଛନ୍ତି । ତାଲିକାରେ ଦ୍ୱିତୀୟ ସ୍ଥାନରେ ଚୀନର ସାଂଘାଇ, ତୃତୀୟ ସ୍ଥାନରେ ଦୁବାଇ, ପଞ୍ଚମ ସ୍ଥାନରେ ଚୀନର ସେନଜେନ ଏବଂ ଭାରତର ରାଜଧାନୀ ଦିଲ୍ଲୀ ସପ୍ତମ ସ୍ଥାନରେ ରହିଛି।

ଆହୁରି ମଧ୍ୟ ବିଶ୍ୱର ସର୍ବାଧିକ ମୋଟ ସମ୍ପତ୍ତି ଥିବା ଲୋକଙ୍କ ସଂଖ୍ୟା ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଭାରତରେ ୩,୨୬,୦୦୦ ମିଲେନିୟର ରହିଛନ୍ତି। ଯେଉଁମାନଙ୍କ ମଧ୍ୟରୁ ୧୦୦୦ ଲୋକଙ୍କ ମୋଟ ସମ୍ପତ୍ତି ୧ ବିଲିୟନ ଡଲାରରୁ ଅଧିକ (ପୃଷ୍ଠା ୭ରେ)

## ମାଘ ନା ବୈଶାଖ !

# ପାରଳାଖେମୁଣ୍ଡି ଓ ଭବାନୀପାଟଣାରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ

**ଭୁବନେଶ୍ୱର, ୬।୨**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ରାଜ୍ୟର ଅନେକ ସ୍ଥାନରେ ଦିନ ବେଳେ ପାଗର ମିଜାଜ ପୂରା ଅଲଗା ଥିଲା। ଖରା ଯେମିତି ହେଉଥିଲା, ଲାଗୁଥିଲା ଏହା ମାଘ ମାସ ନୁହେଁ, ବୈଶାଖ ଆରମ୍ଭ ହୋଇଗଲାଣି। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୧୩ଟି ସହରର ସର୍ବୋଚ୍ଚ ଦିନ ତାପମାତ୍ରା ୩୩ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଥିଲା।

ପାରଳାଖେମୁଣ୍ଡି ଓ ଭବାନୀପାଟଣାରେ ଦିନ ତାପମାତ୍ରା ସର୍ବାଧିକ ୩୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଟିଟିଲାଗଡ଼ ଓ ମାଲକାନଗିରିରେ ସର୍ବୋଚ୍ଚ ଦିନ ତାପମାତ୍ରା




୩୪.୫ ଡିଗ୍ରୀ ସେଲସିୟସ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୪.୪ ଓ କଟକରେ ୩୩ ଡିଗ୍ରୀ ରହିଥିଲା।

ଚାନ୍ଦବାଲିରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କଟକରେ ୩୩, ଅନୁଗୋଳରେ ୩୩.୭, ବଲାଙ୍ଗିରରେ ୩୩.୮, ସୋନପୁରରେ (ପୃଷ୍ଠା ୭ରେ)





# ଓଡ଼ିଶା ଅବସର ପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ସହ ସାକ୍ଷାତ୍କାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ଶ୍ରୀ ସୂର୍ଯ୍ୟମଣି ତ୍ରିପାଠୀ, ଉପ ସଭାପତି ଶ୍ରୀ ଦେବେନ୍ଦ୍ର ନାଥ ଶତପଥୀ ସଂଗଠନ ସଂପାଦକ ଶ୍ରୀ ନୀଳମୋହନ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ରୀ ରାଧାନାଥ ମହାପାତ୍ର ବରିଷ୍ଠ ସଭ୍ୟ ଶ୍ରୀ ପ୍ରଦୀପ କୁମାର ଦାସ, ଶ୍ରୀ ନାରାୟଣ ପଣ୍ଡା ଓ ଶ୍ରୀ ଲକ୍ଷ୍ମଣ କୁମାର ବେହେରା, ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଷଡଙ୍ଗୀଙ୍କୁ ତାଙ୍କର ଭୁବନେଶ୍ୱର ଅଫିସ୍‌ଠାରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ସମସ୍ତ ଅବସରପ୍ରାପ୍ତ ଅଧିକାରୀ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ନିଜର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

ଅବସର ପ୍ରାପ୍ତ ପୋଲିସ ଅଧିକାରୀମାନେ ଓଡ଼ିଶା ଆରକ୍ଷୀ ବାହିନୀକୁ ତାଙ୍କର କର୍ତ୍ତବ୍ୟ ସଂପାଦନା କରିବାରେ ସାହାଯ୍ୟ ଦେବାକୁ ପ୍ରତିଶୃତି ଦେଇଥିଲେ। ଆଗାମୀ ଦିନ ମାନଙ୍କରେ ଅବସର ପ୍ରାପ୍ତ ଆରକ୍ଷୀ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ନିମନ୍ତେ ଆରକ୍ଷୀ ମହାନିର୍ଦ୍ଦେଶକ ସମିତିର ସଭ୍ୟମାନଙ୍କୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ

# ଓଡ଼ିଶାର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷିତ ରହିବ

**କୁଚିଣ୍ଡା, ନ୍ୟୁଜ ବ୍ୟୁରୋ**

ସୋମବାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବରେ କୁଚିଣ୍ଡା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭୁବନେଶ୍ୱର କିସାନ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ଅଜିତ ମହାପାତ୍ର, ସମିତି ସଭ୍ୟ ରଶ୍ମି କୁସୁମ, ସହକାରୀ ତହସିଲଦାର, ଏବିଡିଓ ସହଦେବ ନନ୍ଦ, ଏଇଇ ପ୍ରଜ୍ଞା ପରିମିତା ନାୟକ, ସାମ୍ବାଦିକ ସଞ୍ଜୟ ମିଶ୍ର ଏବଂ ସମାଜସେବୀ ସଞ୍ଜୀବ ଠାକୁର ଯୋଗ ଦେଇଥିଲେ। ଏହି ସଭାକୁ ଶିକ୍ଷକ ଶରତ ପଶାୟତ ପରିଚାଳନା କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ସୂଚନା ଦେବା ସହ ଆମ ରାଜ୍ୟର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ପ୍ରଣୟନ କରିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ବର୍ଣ୍ଣନା କରିଥିଲେ। ଏବିଡିଓ ସହଦେବ ନନ୍ଦ ଏହି ଯୋଜନାର ପ୍ରକଳ୍ପ ଗୁଡ଼ିକର ସଠିକ ଏବଂ ସମୟୋଚିତ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ସମା ପଞ୍ଚାୟତର ୨୦ ଜଣ ବାସିନ୍ଦାଙ୍କୁ ବକ୍ସମା ଗ୍ରାମ ପଞ୍ଚାୟତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା କିଛି ପ୍ରକଳ୍ପ ବାବଦରେ ଏବଂ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ବାବଦରେ ଉଲ୍ଲେଖ ଥିବା ପ୍ରଚାର ବହି ପ୍ରଦାନ କରାଯାଇଥିଲା। ସଭା ଶେଷରେ ପିଇଓ କିଶୋର ଚିଡୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାସ୍ଥଳରେ ବିଭିନ୍ନ ସରକାରୀ ସଂସ୍ଥାର ପ୍ରଦର୍ଶନୀ ଷ୍ଟଲ ଲଗାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ ଓ ଭାଗବତ ସପ୍ତାହ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱର ଦୁଃସମୟକୁ ଦୂରୀଭୂତ କରି ସ୍ୱଚ୍ଛ ପରିବେଶ ଓ କୁପ୍ରଭାବ ସୃଷ୍ଟି କରୁଥିବା ଗ୍ରହମାନଙ୍କଠାରୁ ଉଦ୍ଧାର ଓ ଶ୍ରୀ ମହାଅନନ୍ତଙ୍କ ଆଶୀର୍ବାଦ ପାଇଁ ଆଗାମୀ ମାଘ ମାସ ଶୁକ୍ଲପକ୍ଷ ନବମୀ ଇଂରାଜୀ ତା ୧୮.୦୨.୨୦୨୪ ରିଖ ରବିବାର ଠାରୁ ମାଘ ପୂର୍ଣ୍ଣିମା ତା ୨୪.୦୨.୨୦୨୪ ରିଖ ଶନିବାର ପର୍ଯ୍ୟନ୍ତ ସପ୍ତଦିନାତ୍ମକ ଶ୍ରୀ ଶ୍ରୀ ଶ୍ରୀ ମହାଅନନ୍ତଙ୍କ ଆଶ୍ରମ, ଶ୍ୟାମପୁର (ସମ୍ ହସ୍‌ପିଟାଲ ପାଖ) ଠାରେ ସପ୍ତତ୍ରିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ ଓ ଭାଗବତ ସପ୍ତାହ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୁବିଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହେବ। ଏଣୁ ଏହି ଯଜ୍ଞୋତ୍ସବରେ ଭକ୍ତବୃନ୍ଦଙ୍କୁ ଉପସ୍ଥିତ ପୂର୍ବକ ଯଜ୍ଞ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ସଙ୍ଗେ ସଙ୍ଗେ ମହାଅନନ୍ତଙ୍କୁ ଦର୍ଶନ ପୂର୍ବକ ବିଭୁକୃପା ଲାଭ କରିବା ପାଇଁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ ଏବଂ ଅନନ୍ତାଶ୍ରିତ ଭକ୍ତବୃନ୍ଦ ଶ୍ରୀ ମହାଅନନ୍ତଜୀଉ ଆଶ୍ରମ ଶ୍ୟାମପୁର, ଘାଟିକିଆ, ଶ୍ରୀଖଣ୍ଡଗିରି, ଭୁବନେଶ୍ୱର ଜଣାଇଛନ୍ତି।

### ଏହି ଉତ୍ସବର କାର୍ଯ୍ୟସୂଚୀ

ତା ୧୮.୦୨.୨୪ ରିଖ (ରବିବାର) – ନବମୀ ଦିବା ଘ.୧୦.୧୭ ମି. ମଧ୍ୟେ ଭାଗବତ ସପ୍ତାହ ଆରମ୍ଭ ତା ୧୯.୦୨.୨୪ ରିଖ (ସୋମବାର) – ଦଶମୀ ବନଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା ଓ ଚଣ୍ଡୀପାଠ ତା ୨୦.୦୨.୨୪ ରିଖ (ମଙ୍ଗଳବାର) – ଏକାଦଶୀ ରାତ୍ର ଘ.୮.୪୭ ମି. ଗତେ ଅଙ୍କୁରାରୋପଣ, ମଣ୍ଡଳାକରଣ ତା ୨୧.୦୨.୨୪ ରିଖ (ବୁଧବାର) – ଦ୍ୱାଦଶୀ ଦିବା ଘ.୧୨.୩୧ ମି. ଗତେ କଳସାଧୁବାସ, ମଣ୍ଡଳାର୍ଜନ ଓ ଯଜ୍ଞାହୂତୀ ତା ୨୨.୦୨.୨୪ ରିଖ (ଗୁରୁବାର) – ତ୍ରୟୋଦଶୀ ୧୦୮ କୁଣ୍ଡୀୟ ଗୁରୁଗାୟତ୍ରୀ ଯଜ୍ଞ ବ୍ରାହ୍ମଣ ପିଲାଙ୍କ ବ୍ରତ ବିଧାନ। ରାତ୍ର ଘ.୮.୫୦ ମି. ମଧ୍ୟେ ଗ୍ରହପୂଜା, ଆହୂତୀ ପ୍ରଦାନ ତା ୨୩.୦୨.୨୪ ରିଖ (ଶୁକ୍ରବାର) – ଚତୁର୍ଦ୍ଦଶୀ ଶ୍ରୀ ଶ୍ରୀ କାଶୀବିଶ୍ୱନାଥଙ୍କ ମହାରୁଦ୍ରାଭିଷେକ, ପୌର୍ଣ୍ଣମାସୀଙ୍କ ଉପଚାର ପୂଜା, ଚଣ୍ଡୀପାଠ ଓ ଯଜ୍ଞାହୂତୀ ତା ୨୪.୦୨.୨୪ ରିଖ (ଶନିବାର) – ପୂର୍ଣ୍ଣମୀ ଶ୍ରୀ ଶ୍ରୀ ମହାଅନନ୍ତଙ୍କ ଷୋଡ଼ଶ ଉପଚାର ପୂଜା, ଗୀତାପାଠ ଓ ଯଜ୍ଞାହୂତୀ ଅପରାହ୍ନ ଘ.୪.୩୦ ମି. ପୂର୍ଣ୍ଣାହୂତୀ, ଚରୁପ୍ରସାଦ ଗ୍ରହଣ ସହ ପ୍ରତ୍ୟହ ଗୁରୁପୂଜା, ସୂର୍ଯ୍ୟପୂଜା, ଧେନୁପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଗୀତାପାଠ, ବିଷ୍ଣୁ ସହସ୍ରନାମ ପଠନ ଓ ଅନ୍ନଯଜ୍ଞର ଆୟୋଜନ କରାଯାଇଅଛି । ମଣ୍ଡପ ସମ୍ମିଳନୀ – ଶ୍ରୀ ଅନନ୍ତ ସେବା ପରିଷଦର ସପ୍ତତ୍ରିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବରେ ପ୍ରତ୍ୟେହ ସନ୍ଧ୍ୟା ୭ ଘଟିକା ଠାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ପ୍ରବଚନ, ପାଲା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହର ଆୟୋଜନ କରାଯାଇଅଛି ।

# ଓଡ଼ିଆ ଭାଷାର ପ୍ରକୃତ ସ୍ୱରୂପ ରକ୍ଷା ନେଇ ଗୁରୁତ୍ୱ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ରାମାଧୀନ ସ୍ନାତକ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁର ପରିସରରେ ଦୀର୍ଘ ଦୁଇ ମାସ ଧରି ଅନୁଷ୍ଠିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ବିବିଧ ପ୍ରତିଯୋଗିତା ମୂଳକ ବିଷୟ ଯଥା ସଙ୍ଗୀତ, ନୃତ୍ୟ, କଳା, ଓଡ଼ିଆ ଭାଷା ଆଦି ସହ ସାମାଜିକ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ପରିଚାଳନା ସମିତି ଅଧ୍ୟକ୍ଷ ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ପ୍ରାକ୍ତନ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ଅଧ୍ୟକ୍ଷ ବାଲାଜି ପ୍ରସାଦ ଦାଶ, ମୁଖ୍ୟ ବକ୍ତା ଶ୍ରୀ ଗୋପାଳ କୃଷ୍ଣ ପାଢ଼ୀ, ସମ୍ମାନିତ ଅତିଥି ଶ୍ରୀ ପଦ୍ମ ଚରଣ ଦାଶ ମଧ୍ୟମା ପ୍ରଧାନ ଶିକ୍ଷକ, ଶ୍ରୀଯୁକ୍ତ ପଟନାୟକ, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଶ୍ରୀହରିହର ଦାସଙ୍କର ସଂଯୋଜନାରେ



ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀମାନେ ନୃତ୍ୟର ତାଳେତାଳେ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ମୁଖ୍ୟ ଅତିଥି ଡ. ରମେଶ ତ୍ରିପାଠୀ କହିଲେ ଯେ ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ ହେଉଛି ପ୍ରତ୍ୟେକ ବିଦ୍ୟାର୍ଥୀ ଶିକ୍ଷିତ ହେବା ସହ ବିବିଧ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରନ୍ତୁ, ରୋଜଗାରକ୍ଷମ ହୁଅନ୍ତୁ ଓ ଓଡ଼ିଆ ଭାଷାକୁ ବାଣିଜ୍ୟ, ପ୍ରତିଯୋଗିତା ତଥା ରୋଜଗାରର ଭାଷା ରୂପେ ସମୃଦ୍ଧ କଲେ ଆମ ଭାଷାର ପ୍ରକୃତ ସ୍ୱରୂପ ରକ୍ଷା କରାଯାଇପାରିବ ବୋଲି ମୋର ବିଶ୍ୱାସ ହେବ । ସେହିପରି ମୁଖ୍ୟବକ୍ତା ଗୋପାଳ କୃଷ୍ଣ ପାଢ଼ୀ କହିଲେ କି ମୁଁ ଅତୀତରେ ସଂସ୍କୃତ ସମ୍ମାନର ଛାତ୍ର ଥିଲି । ସଂସ୍କୃତ ଭାଷା ଓ ସଂସ୍କୃତ ପିଲାଙ୍କୁ ଭଲପାଏ। ଓଡ଼ିଆ ଭାଷା ମୋର ପ୍ରାଣ ସ୍ୱରୂପ। କିନ୍ତୁ ଆଜିକାଲି ଓଡ଼ିଆ ଭାଷାରେ ଲେଖାଯାଉଥିବା ପୋଷ୍ଟର, ବ୍ୟାନର ଓ କାନ୍ଥରେ ଲେଖା ଯାଉଥିବା ଭାଷାରେ ଅନେକ ଶବ୍ଦ ଓ ବନାନଗତ ତ୍ରୁଟି ରହୁଛି, ଯାହା ପରବର୍ତ୍ତୀ ସମୟରେ ସଂଶୋଧନ କରାଯାଉନାହିଁ। ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଚେତନ କରାଇବ ବୋଲି ମୁଁ ଆଶା କରେ । ପ୍ରାକ୍ତନ ଅଧ୍ୟକ୍ଷ ବାଲାଜୀ ଦାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଲେ ଯେ ମୁଖ୍ୟମନ୍ତ୍ରୀ ଯୁବ ଓଡ଼ିଶା ନବୀନ ଓଡିଶା ମାଧମରେ ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଉତ୍ସାହିତ କରୁଥିବା ଯୋଗୁଁ ମୁଁ ଧନ୍ୟବାଦ ଜଣାଉଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀପଦ୍ମ ଦାଶ ଜଗନ୍ନାଥ ସଂସ୍କୃତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଦିବସର ତାତ୍ପର୍ଯ୍ୟ,ସରକାରଙ୍କ କାର୍ଯ୍ୟକ୍ରମର ଉପାଦେୟତା ଓ ଯୋଜନାର ବିକାଶ ସମ୍ପର୍କରେ ଅଭିଭାଷଣ ରଖିଥିଲେ ।

## ମା' ବରାଳ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**ବାଲିଗୁଡ଼ା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ବହୁ ପୁରାତନ ପ୍ରତ୍ୟକ୍ଷ ଦେବୀ ମାଁ ବରାଳ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ସୋମବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ଦୀର୍ଘ ଦିନରୁ ମନ୍ଦିର ନିର୍ମାଣ ହୋଇଛି ସତ କିନ୍ତୁ ଏଯାବତ୍ ମନ୍ଦିର ପ୍ରତିଷ୍ଠା ହୋଇପାରିନଥିଲା । ଏଣୁ ବାଲିଗୁଡ଼ା ସାଂସଦ ପ୍ରତିନିଧି ତଥା ନିର୍ବାଚନ ମଣ୍ଡଳୀର ସଂଯୋଜକ ଟୁନା ଦାସ ମା'ଙ୍କ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରି ମନ୍ଦିର ପୂଜକ ଓ ଅଞ୍ଚଳ ବାସୀଙ୍କ ସହ ଆଲୋଚନା କରି ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ସହ ମନ୍ଦିର ପରିଚାଳନା ନିମନ୍ତେ ସମସ୍ତ ସୁବିଧା ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ଟୁନା ଦାସ। ଆସନ୍ତା ୨୫ ତାରିଖରୁ ନୂତନ ବିଗ୍ରହ ଓ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହେବା ସହ ମନ୍ଦିର ପରିସରରେ ୨୪ ପ୍ରହର ନାମ ଯଜ୍ଞ, ଅନ୍ନ ଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ଦୀର୍ଘ ପାଞ୍ଚ ଦିନ ଧରି ଚାଲିବ ବୋଲି ଜଣାପଡିଛି ।

## ଦିବଂଗତ ସାଧୁ ମେହେର ଚିରକାଳ ଅମର ରହିବେ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁରର ନାଟକ, ସାହିତ୍ୟ ଓ ସମାଜସେବା ପ୍ରତି ସମର୍ପିତ ଅନୁଷ୍ଠାନ ନାଟ୍ ଦ୍ୱାରା ସ୍ଥାନୀୟ ରାମଜୀ ନଗର ସ୍ଥିତ ମାରୁତି ଉଦ୍ୟାନ ଠାରେ ପଦ୍ମଶ୍ରୀ ଡ଼ଃ. ସାଧୁ ମେହେରଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା ସହ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଇଚ୍ଛାଶକ୍ତି ଜଣେ ମଣିଷକୁ ଉନ୍ନତିର ଶୀର୍ଷ ସୋପାନକୁ ନେଇ ଯାଇପାରେ ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସାଧୁ ମେହେର । ସମ୍ଭବତଃ ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସିନେ ଅଭିନେତା ଯିଏକି ଅଭିନୟ ପାଇଁ ଜାତୀୟ ପୁରସ୍କାର ପାଇଛନ୍ତି । ପାଖାପାଖି ୫୦ ଟି ହିନ୍ଦୀ ଚଳଚିତ୍ର, ୮୦ ଦଶକରେ ଓଡ଼ିଆ ସିନେମା ନିର୍ଦ୍ଦେଶନାର ମଙ୍ଗୁଆଳ ସାଜି ଓଡ଼ିଆ ସିନେମାକୁ ଏକ ନୂତନ ଦିଗ ପ୍ରଦର୍ଶନ ସହ ପ୍ରଥମ ସମ୍ବଲପୁରୀ ସିନେମା ଭୁଖାରେ ତାଙ୍କର ଜୀବନ୍ତ ଅଭିନୟ ତାଙ୍କୁ ସବୁବେଳେ ଅମର କରି ରଖିବ ବୋଲି ସ୍ମୃତିଚାରଣ ସମୟରେ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ନାଟ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ୍ୟ ଏବଂ ଉପଦେଷ୍ଟା ଭାବେ ଦୀର୍ଘ ଦିନ ଧରି ସେ ମାର୍ଗଦର୍ଶନ କରଛନ୍ତି। ତାଙ୍କର ଦେହାବସାନ ଦ୍ୱାରା ନାଟ ଜଣେ ପିତୃ ତୁଲ୍ୟ ମୁରବୀଙ୍କୁ ହରାଇଲା ବୋଲି କୋହଭରା କଣ୍ଠରେ ନାଟର ସଦସ୍ୟମାନେ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ସଂସ୍କୃତି ସଂପାଦକ ଅବିନାଶ ହୋତା, ସମାଜସେବା ସଂପାଦକ ସଞ୍ଜୟ କୁମାର ପଣ୍ଡା, ସମାଜସେବା କୋର୍ କମିଟିର କାର୍ଯ୍ୟକାରୀ ଆବାହିକା ପ୍ରଜ୍ଞା ପରିମିତା ଦାଶ, ଲକ୍ଷ୍ମୀ ନାରାୟଣ ସାହୁ, ରାଜ ମିଶ୍ର, ବିଶ୍ୱଜିତ ମହାପାତ୍ର, ପ୍ରଦୀପ ମେହେର, ସରିତା ବଣିଆଁ, ନନ୍ଦିନୀ ମହାଣା ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ ର ସାଧାରଣ ସଂପାଦକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଜପୁର ଜିଲ୍ଲା ସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଓଡିଶା ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ୩ ଦିନ ଧରି ପାଳିତ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଭାରତର ବିଭିନ୍ନ କୋଣ ଅନୁକୋଣରେ ଏବଂ ରାଜ୍ୟର ସମସ୍ତ ବିଦ୍ୟାଳୟ ସ୍ତରୀୟ, ବ୍ଲକ ସ୍ତରୀୟ, ପୌରାଞ୍ଚଳ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ପାଳନ କରାଯାଇଅଛି। ଫେବୃୟାରୀ ୩ ତାରିଖ ଦିନ ଜିଲ୍ଲାର ୧୫୨୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ପାଳନ କରାଯାଇଥିବା ବେଳେ ୪ ତାରିଖରେ ବ୍ଲକ ସ୍ତରରେ ଏବଂ ଆଜି ଫେବୃୟାରୀ ୫ ତାରିଖରେ ଯାଜପୁର ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ୨୦୨୪ ଉଜ୍ଜାପନୀ ସମାରୋହ ପାଳିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ବିଭାଗର ଉପଦେଷ୍ଟା ଡଃ ବିଜୟାନନ୍ଦ ସିଂହ ଯୋଗଦେଇ କହିଲେ ଯେ, ଭାଷା ଆମର ସଂପର୍କ ସୃଷ୍ଟି କରେ। ଏଣୁ ଭାଷାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଭାଷାବିତ୍ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ କହିଲେ ଯେ, ଭାଷା ଆମ ଜୀବନ ସହିତ ରହିଥିଲା, ଏବେ ରହିଚ୍ଛି ଏବଂ ରହିଥିବ ମଧ୍ୟ। ଓଡିଆ ଭାଷା ଆମ ଜୀବନର ଆତ୍ମା ଅଟେ। ସମ୍ମାନୀତ ଅତିଥି ଭାବେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ, ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଯୋଗଦେଇ ଓଡିଆ ଭାଷାର ଇତିହାସ ସଂପର୍କରେ ଅବତାରଣ କରିଥିଲେ। ସଭାପତି ଭାଷଣରେ ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣୀ କହିଲେ ଯେ ପ୍ରତ୍ୟେକ ଜାତିର ପରିଚୟ ତାର ଭାଷା ହିଁ ପ୍ରଦାନ କରିଥାଏ। ଯେଉଁ ଜାତିର ଭାଷା ଯେତେ ମାର୍ଜିତ, ବ୍ୟବହାରିତ ଏବଂ ସୁରକ୍ଷିତ ସେ ଜାତିର ଶିକ୍ଷା ଏବଂ ଜୀବନ ଶୈଳୀ ସେତେ ଉନ୍ନତ। ଏହି ସମ୍ମିଳନୀ ପାଳନ ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, କୁଇଜ, ଚିତ୍ରାଙ୍କନ, ସାଂସ୍କୃତିକ ସୃଜନାତ୍ମକ ପ୍ରଦର୍ଶନୀ ଏବଂ ସାହିତ୍ୟିକ ପ୍ରଦର୍ଶନୀର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମଗ୍ର ଶିକ୍ଷା ଅଭିଯାନ ଅନୁସୂଚିତ ଜାତି ଏବଂ ଜନଜାତି ସଂଯୋଜିକା ଶ୍ରୀମତୀ ଜ୍ୟୋସ୍ନାମୟୀ ଧଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମାରୋହରେ ଛାତ୍ର ଛାତ୍ରୀ , ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜିବୀ, ସାହିତ୍ୟ ସଂସ୍କୃତି ପ୍ରେମୀ, ବରିଷ୍ଠ ନାଗରିକ ବୃନ୍ଦ, ସରକାରୀ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ।



# ହଜିବାକୁ ଯାଉଛି ରେଶମ ପାଟବସ୍ତ୍ର


**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସ୍ୱତନ୍ତ୍ର ପରିଚୟ ହେଉଛି ରେଶମ ପାଟବସ୍ତ୍ର । ଦେଶ ଭିତରେ ଓ ବାହାରେ ଏହାର ଆଦୃତି ରହିଛି । ଏବେ ଏହି ପରିଚୟ ହଜିଯିବାକୁ ବସିଲାଣି । କାରଣ ଶାଢ଼ୀ ବୁଣିବା ପାଇଁ ଆଉ ବୁଣାକାର ନାହାନ୍ତି । ପାଟଶାଢ଼ୀ ତିଆରି କରିବା କଷ୍ଟସାଧ୍ୟ ହୋଇପଡ଼ିଛି । ଏଥିପାଇଁ ନୂଆ ପିଢ଼ୀ ଏହି କୌଳିକ ବୃତିରୁ ମୁହଁ ଫେରାଇ ନେଉଛନ୍ତି । ଯାହାକି ବ୍ରହ୍ମପୁର ପାଟଶାଢ଼ୀର ଗୌରବ ପ୍ରତି ବିପଦ ସୃଷ୍ଟି କରିଚି । ବର୍ତମାନ ମାତ୍ର ୪୦–୫୦ଟି ପରିବାର ରହିଛି । ବ୍ରହ୍ମପୁର ପାଟ ହେଣ୍ଡଲୁମ୍ ଓ୍ୱେଭର ଓ୍ୱେଲଫେୟାର ଆସୋସିଏସନ୍‌ର ସମ୍ପାଦକ କେ. ଭୀମା ରାଜୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହା ଜାରି ରହିଲେ ଆସନ୍ତା ୧୦ ବର୍ଷ ପରେ ଏହି ଶାଢ଼ି ଉଭେଇ ଯିବାର ସମ୍ଭାବନା ରହିଛି । ପ୍ରାୟ ୨ଶହ ବର୍ଷ ପୂର୍ବେ ମହୁରୀ ରାଜା ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀକୁ ଯାଇଥିଲେ । ସେଠାରେ ପ୍ରସ୍ତୁତ ହେଉଥିବା ପାଟବସ୍ତ୍ର ତାଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ଏଥିପାଇଁ ସେ ଫେରିବା ସମୟରେ କିଛି ବୁଣାକାରଙ୍କୁ ବ୍ରହ୍ମପୁରକୁ ଆଣିଥିଲେ । ସେମାନଙ୍କୁ ପୁରୁଣା ବ୍ରହ୍ମପୁରର ବାଲୁଙ୍କେଶ୍ୱରୀପେଟା ଅଞ୍ଚଳରେ ରଖାଯାଇଥିଲା । ସେଠାରେ ବୁଣାକାରମାନେ ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ । ସମୟକ୍ରମେ ଏହା ବ୍ରହ୍ମପୁରର ପରିଚୟ ପାଲଟିଥିଲା । ଏହି ବୁଣାକାରମାନେ ପାରମ୍ପରିକ ପଦ୍ଧତିରେ ତନ୍ତ



ସାହାଯ୍ୟରେ ପୁରୁଷଙ୍କ ପାଇଁ ଯୋଡ଼ ଏବଂ ମହିଳାଙ୍କ ପାଇଁ ରେଶମ ପାଟଶାଢ଼ୀ ପ୍ରସ୍ତୁତ କରିଥାନ୍ତି । ପାଟଶାଢ଼ୀରେ ଫୋଡ଼କୁମ୍ ଡ଼ିଜାଇନ୍‌ର ଅଧିକ ଚାହିଦା ରହିଛି ବୋଲି ଶ୍ରୀ ରାଜୁ ସୂଚନା ଦେଇଥିଲେ । ବର୍ତ୍ତମାନ ପୁରୁଣା ବ୍ରହ୍ମପୁର ପାଟରାସାହି, ଢ଼େରା ସାହି, ଗୋବର୍ଦ୍ଧନପେଟାରେ ଏହି ପାଟଶାଢ଼ୀ ବୁଣାଯାଉଛି । ଶ୍ରୀ ରାଜୁଙ୍କ କହିବା ପ୍ରକାରେ ବୁଣାକାରଙ୍କ ପାଇଁ ୨୦୦୩ରେ ବ୍ରହ୍ମପୁର ପାଟଶାଢ଼ୀ ହ୍ୟାଣ୍ଡଲୁମ୍ ଓ୍ୱେଭର ଓ୍ୱେଲଫେୟାର ଆସୋସିଏସନ୍ ଗଠନ କରାଯାଇଥିଲା । ସେ ସମୟରେ ଆସୋସିଏସନ୍‌ରେ ୩୧୬ ପରିବାର ଥିଲେ। ଏବେ ୨୦ ବର୍ଷ ପରେ ମାତ୍ର ଶହେ ପରିବାର ସଦସ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୪୫/୫୦ ଜଣ ସଦସ୍ୟ ପାରମ୍ପରିକ ପାଟବୁଣା କାମ କରୁଛନ୍ତି । ବୁଣାକାରଙ୍କୁ କଞ୍ଚାମାଲ୍ (ରେଶମ ସୂତା, ରଙ୍ଗ) ସହିତ ଶାଢ଼ୀର ବଜାର ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ପାଇଁ ୩ଟି ସୋସାଇଟି ରହିଛି । ଏହି ସୋସାଇଟି ଜରିଆରେ ବୁଣାକାର ତାଙ୍କର ଶାଢ଼ୀ ବିକ୍ରି କରୁଛନ୍ତି । ସେହିରି କିଛି ବୁଣାକାର ବେପାରୀଙ୍କୁ ମଧ୍ୟ ଶାଢ଼ୀ ଦେଉଥାନ୍ତି । ଗୋଟିଏ ଶାଢ଼ି ବୁଣିବା ପାଇଁ ପ୍ରାୟ ୧୦ ଦିନ ସମୟ ଲାଗିଥାଏ । ଏଥିପାଇଁ ଗୋଟିଏ ରିବାରର ୩/୪ଜଣ ସଦସ୍ୟ କାମରେ ଲାଗିଥାନ୍ତି । ବୁଣାକଳାରଙ୍କୁ ଉପଯୁକ୍ତ ମଜୁରୀ ନ ମିଳିବାରୁ ବହୁ କାରିଗର ଏହି ବୃତି ଛାଡ଼ି ସାରିଥିବା ଦେଖିବାକୁ ମିଳିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୭୮, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୭।୨।୨୦୨୪, ମାଘ ଦି୨୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬/୨୦/୪୬** **ଚନ୍ଦ୍ରୋଦୟ- ରାଘ୪।୫୩।୧୦**

ଦ୍ୱାଦଶୀ- ଦିଘ୨/୦୩ ପର୍ଯ୍ୟନ୍ତ। ମୁଳାନକ୍ଷତ୍ର- ପ୍ରାଘ ୬।୨୭ ପର୍ଯ୍ୟନ୍ତ, ପୂର୍ବାଷା ଘନକ୍ଷତ୍ର କ୍ଷୟ- ମି ଘ ୪/୩୭, ଧନୁଚନ୍ଦ୍ର- ଅହୋରାତ୍ର। ଚନ୍ଦ୍ରଶୁଦ୍ଧି- ତୁଳାଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ୨/୦୩ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬/୨୪ ଗତେ ଘ ୭/୫୪ ମଧ୍ୟେ, ଦିଘ ୧/୫୩ ଗତେ ଘ ୪ / ୫୩ ମଧ୍ୟେ।

ପ୍ରର୍ବୋତ୍ସବ-ସୋ-ବେ-ସେରାନ୍




**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।




**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।




**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।



**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।



**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।



**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।



**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

## ଶ୍ରମିକ କୃଷକ ମାନଙ୍କର ଗଣ କନଭେନସନ୍

# ୧୬ ଫେବୃଆରୀ ହରତାଳକୁ ସଫଳ କରିବା ପାଇଁ ଆହ୍ୱାନ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ମୋଦି ସରକାରଙ୍କର କର୍ପୋରେଟ୍ ସପକ୍ଷବାଦୀ ନୀତି ଫଳରେ ଦେଶର ଶ୍ରମିକ, କୃଷକ ତଥା ସାଧାରଣ ଜନତାଙ୍କ ଜୀବନ ଜିବିକା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏଥି ସହିତ ଦେଶର ଗଣତନ୍ତ୍ର ସମ୍ବିଧାନ ପ୍ରତି ଗଭୀର ସଙ୍କଟ ସୃଷ୍ଟି ହୋଇଛି । ଏଥିରୁ ଦେଶ ତଥା ଦେଶବାସୀଙ୍କୁ ଉଦ୍ଧାର କରିବା ନିମନ୍ତେ ଦେଶର ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧିନ ଫେଡେରେଶନ ସମୂହ ପକ୍ଷରୁ ୧୬ ଫେବୃଆରୀରେ ଦିଆଯାଇ ଥିବା ଦେଶବ୍ୟାପୀ ଗ୍ରାମୀଣ ହରତାଳ ପରିପ୍ରେକ୍ଷୀରେ ଏହାକୁ କେନ୍ଦ୍ରାପଡା ଜିଲ୍ଲାରେ ସଫଳ କରିବା ନିମନ୍ତେ ଶ୍ରମିକ ନେତା ମୁକ୍ତାର ଖାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଶ୍ରମିକ ନେତା ଜଗତ ଜୀବନ ଦାସ, ଆଦିକନ୍ଦ ରାଉଳ, ନିର୍ମଳ ନାୟକ ଦ୍ୱାରା ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ଏହି କନଭେନଶନ ରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଗୟାଧର ଧଳ, ଶ୍ରମିକ ନେତା ରମଣୀ ରନ ରାଉତରାୟ, କିଷାନ କଂଗ୍ରେସ ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପୋଷ୍ଟାଲ କର୍ମଚାରୀ ସଂଘ ନେତା ବିଜୟ ନାୟକ, କିଷାନ ମଜଦୁର ସଂଘ ନେତା ପ୍ରକାଶ ମଲିକ, ବାବାଜୀ ଦାସ, ସୁହାନା ବେଗମ ଙ୍କ ସମେତ ବହୁ ନେତା ଓ କର୍ମଚାରୀ ମାନେ ଉପସ୍ଥିତ ରହି ୧୬ ଫେବୃଆରୀ ରେ ହେବାକୁ ଥିବା ଗ୍ରାମୀଣ ହରତାଳ କୁ ସଫଳ କରିବା ନିମନ୍ତେ ଜନ ସାଧାରଣଙ୍କୁ ନିବେଦନ କରିଥିଲେ । ସଭା ଶେଷରେ ସଂଜୟ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତ ହେବ ତୃତୀୟ ବୃହତ୍ ଅର୍ଥନୀତି

ଏକ ଦଶନ୍ଧି ପୂର୍ବେ ଭାରତୀୟ ଅର୍ଥନୀତିର ଆକାର ୧.୯ ଟ୍ରିଲିଅନ ଡଲାର ବା ଲକ୍ଷ କୋଟି ଡଲାର ରହିଥିଲା। ଏବେ ଏହା ୩.୭ ଟ୍ରିଲିଅନ ଡଲାର (ଲକ୍ଷ କୋଟି ଡଲାର)ରେ ପହଞ୍ଚିଛି। କେବଳ ସେତିକି ନୁହେଁ ଆସନ୍ତା ୩ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଆକାର ୫ ଟ୍ରିଲିଅନ ଡଲାର (ଲକ୍ଷ କୋଟି ଡଲାର) ଛୁଇଁବ ବୋଲି ଅର୍ଥମନ୍ତ୍ରାଳୟ 'ଦ ଇଣ୍ଡିଆନ୍ ଇକୋନୋମି-ଏ ରିଭ୍ୟୁ' ଶୀର୍ଷକ ରିପୋର୍ଟରେ ଏହା କହିଛି। ୩.୭ ଲକ୍ଷ କୋଟି ଡଲାର ସହିତ ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବାବେଳେ ଆସନ୍ତା ଆସନ୍ତା ୩ ବର୍ଷ ମଧ୍ୟରେ ୫ ଟ୍ରିଲିଅନ ଡଲାର ବା ଲକ୍ଷ କୋଟି ଡଲାର ଛୁଇଁବ ଏବଂ ୨୦୩୦ ସୁଦ୍ଧା ୭ ଟ୍ରିଲିଅନ ଡଲର ବା ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ ହେବା ଲକ୍ଷ୍ୟ ଅର୍ଥ ମନ୍ତ୍ରାଳୟ ରଖିଛି।

ମୁଖ୍ୟ ଅଥନୈତିକ ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ରିପୋର୍ଟ ପ୍ରକାଶ ହୋଇଛି। ଏଥିସହିତ ଆସନ୍ତା ଅନ୍ତରୀଣ ବଜେଟ ପୂର୍ବରୁ ଅର୍ଥନୈତିକ ସର୍ଭେ ଆସିବ ନାହିଁ। ସାଧାରଣ ନିର୍ବାଚନ ପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ପୂର୍ବରୁ ଅର୍ଥନୈତିକ ସର୍ଭେ ଉପସ୍ଥାପନ ହେବ ବୋଲି ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି ଅନନ୍ତ ନାଗେଶ୍ୱରନ କହିଛନ୍ତି। ସାଧାରଣତଃ ଫେବ୍ରୁଆରି ୧ରେ ବଜେଟ ଉପସ୍ଥାପନର ପୂର୍ବଦିନ ଅର୍ଥନୈତିକ ସର୍ଭେ ଉପସ୍ଥାପନ ହୋଇଥାଏ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ଓଡ଼ିଆ ଭାଷା-ବିଲୁପ୍ତି ନିରାକରଣ ମାର୍ଗ



**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ପ୍ରାକ୍ତନ ଉପନିର୍ଦ୍ଦେଶକ,
ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ,
ଭୁବନେଶ୍ୱର
ମୋ: ୯୪୩୯୨୦୩୯୨୪

ସମୟର ଆହ୍ୱାନକୁ ସଠିକ ଭାବରେ ମୁକାବିଲା ନକରିପାରିଲେ ବିଲୁପ୍ତି ଅବଶମ୍ଭାବୀ । ପୃଥିବୀ ପୃଷ୍ଠରୁ ବହୁ ଭାଷା ବିଲୁପ୍ତ ହେବାର ଏହା ଏକମାତ୍ର କାରଣ । ଭାଷାର ପ୍ରବହମାନତା ହିଁ ଭାଷାକୁ ଜୀବନ୍ତ କରି ରଖେ । ଯଦି ଭାଷାର ପ୍ରବହମାନତା ନଷ୍ଟ ହୋଇଯାଏ, ସମୟ ସହ ପରିବର୍ତ୍ତିତ ନହୁଏ, ତେବେ ଭାଷା ପ୍ରଥମେ ଅଚଳ ହୋଇ ମୃତ୍ୟୁର ସମ୍ମୁଖୀନ ହୁଏ । ଭାଷା ଅଚଳ କାହିଁକି ହୁଏ ? ଭାଷା ଅଚଳ ହେବାର ପ୍ରମୁଖ କାରଣ – ଏହାର ରକ୍ଷଣଶୀଳତା... ଏହାର ରଢ଼ିବାଦିତା । ନୂତନ ଶବ୍ଦାବଳୀ ଆହରଣ ଓ ନୂତନ ଚିନ୍ତନ ସମୀକରଣର ଅସଫଳତା । ଲୋକଜୀବନର ବ୍ୟବହୃତ ଭାଷାର ମାନ୍ୟତା ପ୍ରଦାନ । ଲୋକଜୀବନରେ ବ୍ୟବହୃତ ଭାଷା ଯଦି ଲିଖନ ପରମ୍ପରାକୁ ପ୍ରବେଶ ନକରେ, ତେବେ ଭାଷା ତାହାର ପ୍ରାସଙ୍ଗିକତା ହରାଇ ବସେ ଓ କ୍ରମେ ଅଚଳ ହୋଇଯାଏ ।

ତେବେ ଭାଷାର ପ୍ରୟୋଗ ଓ ବ୍ୟବହାରଦ୍ୱାରା ଲୌକିକ ଭାଷା ଏକ ଚଳଚଞ୍ଚଳ ଭାଷାରେ ରୂପାନ୍ତରିତ ହୋଇ ସୁଦୂରପ୍ରସାରୀ ହୁଏ । ସେ ଭାଷା ସମୃଦ୍ଧି ପଥରେ ଯାଏ, ବିଲୁପ୍ତି ପଥରେ ନୁହେଁ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତିକୁ ଆକଳନ କରିବାକୁ ପଡ଼ିବ । ବାସ୍ତବର ପ୍ରଗତି ସହ ଓଡ଼ିଆ ଭାଷା କେତେ ପରିମାଣରେ ସଂଯୋଜିତ, ତାହା ଅନୁଶୀଳନ କରିବାର ଆବଶ୍ୟକତା ରହିଛି । ଓଡ଼ିଶାର ରାଜନୀତିକ ପରିଚଳନ ଏବଂ ବିଚାରଧାରାରେ, ଆର୍ଥନୀତିକ ପ୍ରଗତି ଓ ଯୋଜନା, କାରିଗରୀ କୌଶଳ, ଜ୍ଞାନଚର୍ଚ୍ଚା ଏବଂ ସାଂସ୍କୃତିକ ନବୀକରଣରେ ଓଡ଼ିଆ ଭାଷାର କେତେ ପରିମାଣରେ ଯୋଗଦାନ ରହିଛି, ତାହା ଆକଳନ କରିବାର ସମୟ ଆସିଛି । ଦେଖିବାକୁ ଗଲେ, ରାଜନୀତି ପରିଚଳନ ଏବଂ ବିଚାରଧାର ଏବଂ ସାଂସ୍କୃତିକ ନବୀକରଣରେ ଓଡ଼ିଆ ଭାଷା ପ୍ରଭୂତ ଭାବରେ ବ୍ୟବହାର ହେଉଥିବା ସମୟରେ ଆର୍ଥନୀତିକ, କାରିଗରୀ କୌଶଳ ଏବଂ ଜ୍ଞାନ ଚର୍ଚ୍ଚାରେ ଇଂରାଜୀ ଭାଷାର ପ୍ରାଧାନ୍ୟ ରହିଛି । ଯେହେତୁ ରାଜନୀତି ଓ ସଂସ୍କୃତି ସିଧାସଳଖ ଭାବରେ ଲୋକଙ୍କ ସହ ଯୋଡ଼ି ହୋଇ ରହିଛି, ସେଥିନିମିତ୍ତ ଲୋକଙ୍କ ଭାଷା ଏଠାରେ ବହୁଳ ପ୍ରଚଳିତ । ଓଡ଼ିଆ ଶବ୍ଦର ବିକାଶକ୍ରମରେ ରାଜନୀତିକ ବକ୍ତବ୍ୟ ଓ ସାଂସ୍କୃତିକ ଶବ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ଓଡ଼ିଆ ଭାଷାକୁ ଚଳଚଞ୍ଚଳ କରିବା ସହ ଜୀବନୀକା ପ୍ରଦାନ କରିଛି । ଖାଦ୍ୟ, ପୋଷାକ, ଜୀବନଯାପନ ଶୈଳୀ ସମ୍ପର୍କିତ ବହୁ ନୂତନ ଶବ୍ଦ ଓଡ଼ିଆ ଶବ୍ଦ ଭଣ୍ଡାରକୁ ପ୍ରବେଶ କରିଛି । ଆର୍ଥନୀତିକ, କାରିଗରୀ କୌଶଳ ଓ ଜ୍ଞାନଚର୍ଚ୍ଚା ପରମ୍ପରାରେ ଏହା ଦେଖିବାକୁ ମିଳୁ ନାହିଁ । ଏହା ଏବେବି ଓଡ଼ିଶାରେ ଶୈଶବସ୍ତରରେ ଏବଂ କେବଳ ମୁଷ୍ଟିମେୟଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି । ଯେଉଁଦିନ ଏହା ଲୋକଙ୍କ ଭାଷାରେ




ପରିଣତ ହେବ, ସେଦିନ ଓଡ଼ିଆ ଭାଷା ଶୀର୍ଷସ୍ତରରେ ଉପନୀତ ହେବ । ଏହା କିପରି ସମ୍ଭବ ଏଥିନିମନ୍ତେ ଏଠାରେ ପାଞ୍ଚୋଟି ମାର୍ଗ ଉପସ୍ଥାପନ କରାଯାଉଛି ।

(କ) ଡିଜିଟାଲ ମାଧ୍ୟମ: ସମାଜର ପ୍ରତ୍ୟେକସ୍ତରରେ କମ୍ପ୍ୟୁଟର ଏବଂ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ହେଉଛି । ମାତ୍ର ଅଧିକାଂଶସ୍ତରରେ ଏହା ଇଂରାଜୀ ଭାଷା ମାଧ୍ୟମରେ ହେଉଛି । ପ୍ରତ୍ୟେକସ୍ତରରେ କମ୍ପ୍ୟୁଟର ଓ ମୋବାଇଲର ଭାଷା ଓଡ଼ିଆ ହେବା ଆବଶ୍ୟକ । ଏଥିନିମିତ୍ତ ଏକ ସହଜ ଭାଷା ପ୍ରୋଗ୍ରାମ ପ୍ରତ୍ୟେକ କମ୍ପ୍ୟୁଟର ଓ ମୋବାଇଲରେ ଉପଲବ୍ଧ, ତାହାର ନାମ ୟୁନିକୋଡ୍ । ସମସ୍ତ ଭାରତୀୟ ଭାଷା ଏହି 'ୟୁନିକୋଡ୍' ପ୍ରୋଗ୍ରାମ ମାଧ୍ୟମରେ ଅତି ସହଜରେ ଲେଖାଯାଇପାରିବ । ଏଣୁ ୟୁନିକୋଡର ବହୁ ବ୍ୟବହାର ଦ୍ୱାରା ଓଡ଼ିଆ ଭାଷା ଡିଜିଟାଲ ପ୍ଲାଟଫର୍ମରେ ଏକ ସମ୍ଭାବନା ସୃଷ୍ଟି କରିପାରିଛି ।

(ଖ) ଜ୍ଞାନ ଚର୍ଚ୍ଚା ଓ କାରିଗରୀ କୌଶଳ: ଜ୍ଞାନ ଚର୍ଚ୍ଚା, ଗବେଷଣା ଏବଂ କାରିଗରୀ କୌଶଳର ଭାଷା ମୁଖ୍ୟତଃ ଇଂରାଜୀ । ସମ୍ପ୍ରତି ଓଡ଼ିଆ ଭାଷାକୁ ଜ୍ଞାନ ଚର୍ଚ୍ଚାର ଭାଷା, କାରିଗରୀ କୌଶଳକୁ ଓଡ଼ିଆ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଉଦ୍ୟମ କରାଯାଇଛି । ଏଣୁ ଗବେଷଣା ଓ ଉଚ୍ଚଶିକ୍ଷା ନିମିତ୍ତ ବିଭିନ୍ନ ଭାଷାର ଉପାଦେୟ ଗ୍ରନ୍ଥକୁ ଓଡ଼ିଆ ଭାଷାକୁ ଅନୁବାଦ କରାଯାଇଛି । ଅନୁବାଦ ମାଧ୍ୟମରେ ଏହି ସମ୍ପର୍କର ସଫଳ ମୁକାବିଲା ଅସମ୍ଭବ । ମୂଳ ଗ୍ରନ୍ଥର ଉପାଦେୟ ଅନୁବାଦ ହୁଏତ ସର୍ବଦା ସମ୍ଭବ ହୋଇପାରିବ ନାହିଁ । ଏହା ଏକ ଜଟିଳ ପ୍ରକ୍ରିୟା । ଏଣୁ ଓଡ଼ିଆ ଭାଷାରେ ମୌଳିକ ଭାବରେ ଜ୍ଞାନଗ୍ରନ୍ଥ ପ୍ରଣୟନ କରାଯାଉ ।

(ଗ) ସାମାଜିକ ନ୍ୟାୟ ଓ ସାମୂହିକ ପ୍ରଗତି: ପ୍ରଶାସନର ବାର୍ତ୍ତା ସର୍ବଦା ସରଳ ଓ ବୋଧଗମ୍ୟ ଓଡ଼ିଆ ଭାଷାରେ ହେବାର ଆବଶ୍ୟକତା ରହିଛି । ଇଂରାଜୀ ଭାଷାର ବ୍ୟବହାର ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଲିଙ୍ଗୁଆ ଫାଙ୍କା ସୃଷ୍ଟି କରିଛି । ଯଦି ସର୍ବସାଧାରଣଙ୍କ ଭାଷା ପ୍ରଶାସନର ଓ ନ୍ୟାୟାଳୟର ଭାଷା ହୁଏ, ତେବେ ଭାଷା ପ୍ରଗତିର ଅଫୁରନ୍ତ ଉତ୍ସ ସୃଷ୍ଟି ହେବା ସହ ସାମାଜିକ ନ୍ୟାୟ ଓ ସାମୂହିକ ପ୍ରଗତିକୁ ଅଧିକ ଜନାଭିମୁଖୀ କରିବାରେ ସହାୟକ ହେବ ।

(ଘ) କୃତ୍ରିମ ବୁଦ୍ଧିମତା ଓ ପ୍ରାଦେଶିକ ଭାଷା ସମସ୍ୟା: ଜାତୀୟ ଓ ପ୍ରାଦେଶିକସ୍ତରରେ ହେଉଥିବା ଅଧିକାଂଶ ପ୍ରତିଯୋଗିତାମୂଳକ ପରୀକ୍ଷା ଇଂରାଜୀ ଭାଷାରେ ଅନୁଷ୍ଠିତ ହେଉଛି । ଏହି ସମସ୍ତ ପରୀକ୍ଷା ପ୍ରାଦେଶିକ ଭାଷାରେ ହେବା ଉଚିତ । ଏହାଦ୍ୱାରା ହିଁ ସାମାଜିକ ନ୍ୟାୟ ସମ୍ଭବ । ବିଭିନ୍ନ ପ୍ରାଦେଶିକ ଭାରତୀୟ ଭାଷା ସମୂହ ମଧ୍ୟରେ ରହିଥିବା ଜଟିଳ ସମ୍ପର୍କକୁ କୃତ୍ରିମ ବୁଦ୍ଧିମତାର ସହଯୋଗରେ ସମାଧାନ କରିବାକୁ ହେବ । ନୂତନ ଜାତୀୟ ଶିକ୍ଷାନୀତିରେ ପ୍ରାଦେଶିକ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଣୁ ଜାତୀୟ ସ୍ତରରେ ହେଉଥିବା ସମସ୍ତ ପରୀକ୍ଷା, ସଂପାନ ଓ ପ୍ରତିଯୋଗିତା ଡିଜିଟାଲ ପ୍ଲାଟଫର୍ମରେ ପ୍ରାଦେଶିକ ଭାଷା ମାଧ୍ୟମରେ ହୋଇ ଜାତୀୟ ସଂହତି ସୃଷ୍ଟି କରିବାର ସହାୟକ ହେବା ଉଚିତ ।

(ଙ) ଭାଷା ଅସ୍ମିତାର ପରିଚୟ ହେଉ: ଏକ ଓଡ଼ିଆ ଭାଷା ଡିଜିଟାଲ ପ୍ଲାଟଫର୍ମକୁ ପ୍ରବେଶ କରି ନିଜକୁ ନବୀକରଣ କରିବା ଉଚିତ । ଜଗତୀକରଣ ସମୟରେ ବିଶ୍ୱ-ହାଟରେ ଆଞ୍ଚଳିକ ପରଂପରା, ସାଂସ୍କୃତିକ ଉପାଦାନ, ସାହିତ୍ୟ ଓ ଦର୍ଶନ ସମ୍ବଳିତ ଗ୍ରନ୍ଥ ଏବଂ କଳା-ଉପାଦାନଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହାଦ୍ୱାରା ଗୋଟିଏ ଆଞ୍ଚଳିକ ସଂସ୍କୃତିକୁ ଅନୁଶୀଳନ କରିବା ସମ୍ଭବ ହେଉଛି ।

ଭାଷା ସର୍ବଦା ପରିବର୍ତ୍ତନଶୀଳ ଓ ବ୍ୟାକରଣାନୁବଦ୍ଧ ନୁହଁ । ଭାଷାର ପରିବର୍ତ୍ତନକୁ ଓ ବିବର୍ତ୍ତନକୁ ସ୍ୱୀକାର ତଥା ସ୍ୱାଗତ କରିବାକୁ ହେବ । ରଢ଼ିବାଦିତାରୁ ମୁକ୍ତ ହୋଇ ନୂତନ ଶବ୍ଦାବଳୀକୁ ସ୍ୱାଗତ କରିବାକୁ ହେବ। ଏହା ହିଁ ଭାଷାକୁ ପ୍ରବହମାନତା ପ୍ରଦାନ କରିବ। ଯୁଗାଦର୍ଶ ଯଦି ଭାଷା ମାଧ୍ୟମରେ ପ୍ରକାଶିତ ନହୁଏ, ତାହାହେଲେ ସେ ଭାଷା ନିଶ୍ଚିତ ଭାବରେ ମୃତ୍ୟୁର ସମ୍ମୁଖୀନ ହେବ। ଯୁଗାଦର୍ଶ ଯେପରି ପରିବର୍ତ୍ତନ ହୁଏ ସେହିପରି ତାହାର ପାଦ ମିଳାଇ ଭାଷା ମଧ୍ୟ ନବୀକରଣ ହେବା ଉଚିତ। ଏହାକୁ ସମ୍ମାନ ଜଣାଇ ନୂତନ ବ୍ୟାକରଣ ସୃଷ୍ଟି ହେବା ବିଧେୟ। ଏହାଦ୍ୱାରା ଭାଷା ଚିରଞ୍ଜୀବୀ ହେବ, ଅନ୍ୟଥା ସଙ୍କୁଚିତ ହୋଇ ବିଲୁପ୍ତି ଆଡ଼କୁ ଆଗେଇଯିବ।

# ଓଡ଼ିଆ ଭାଷା ଓ ସାହିତ୍ୟକୁ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ

**ଡ. ଅଭିମନ୍ୟୁ ବରାଳ**
ପୁରୀ,
ମୋ:୯୯୩୭୮୩୫୨୩୦

ସାରଳା ଯୁଗ ଓ ପଞ୍ଚସଖା ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କଟିର ଅଭ୍ୟୁଦୟ ଘଟିଥିଲା, ସେ ହେଉଛନ୍ତି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ। ଉପେନ୍ଦ୍ର ହେଉଛନ୍ତି ଓଡ଼ିଆ ସାହିତ୍ୟ ନନ୍ଦନବନର ପାରିଜାତ ପୁଷ୍ପ। ତତ୍‌ପ୍ରଣୀତ କାବ୍ୟ-କୁସୁମରାଜିର ସୌରଭରେ ସୁରଭିତ ହୋଇ ଉଠିଛି ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାର। କବୀନ୍ଦ୍ର ଉପେନ୍ଦ୍ର ୧୬୭୨ ଖ୍ରୀ.ଅ ମାଘ ଶୁକ୍ଳ ପଞ୍ଚମୀ ବା ଶ୍ରୀପଞ୍ଚମୀ ଦିନ ଘୁମୁସର ରାଜ୍ୟର ଗୁଲାଡ଼ ଗଡ଼ରେ ଭୂମିଷ୍ଠ ହୋଇଥିଲେ। ତାଙ୍କର ପିତାଥିଲେ ନୀଳକଣ୍ଠ ଭଞ୍ଜ ଓ ପିତାମହ ଥିଲେ ରାଜକବି ଧନଞ୍ଜୟ ଭଞ୍ଜ। ସେ ସମୟରେ ଘୁମୁସର ରାଜ୍ୟ ଥିଲା ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ। ଏକ ଅଣଓଡ଼ିଆ ରାଜ୍ୟରେ ଜନ୍ମଗ୍ରହଣ କରି ମଧ୍ୟ, ସେ ଓଡ଼ିଆ ଭାଷା ଓ ସାହିତ୍ୟର ଯେଉଁ ପ୍ରଭୂତ ଉନ୍ନତି ସାଧନ କରିଛନ୍ତି, ତାହା ଯାବତଚନ୍ଦ୍ରାର୍କେ ସ୍ମରଣ ରହିବ। ତେଣୁ ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ କହିଛନ୍ତି-

'ସ୍ୱହସ୍ତେ ସୃଜିଣ ଓଡ଼ିଆଙ୍କ ଭାଷା ଗଢ଼ିଛ ଓଡ଼ିଆ ଜାତି, ତୁମ ଜନ୍ମଭୂମି ଉତ୍କଳରୁ ଆନ ଜାଣିଲେ ବିଦାରେ ଛାତି'।

ଓଡ଼ିଆ ସାହିତ୍ୟର କ୍ରମବିକାଶ ଘେନି ଅଦ୍ୟାବଧି ଯେଉଁ କେତେକ ଯୁଗାନ୍ତକାରୀ ସାହିତ୍ୟିକଙ୍କ ନାମୋଲ୍ଲେଖ କରାଯାଏ, ତନ୍ମଧ୍ୟରୁ ଉପେନ୍ଦ୍ର ଭଞ୍ଜଙ୍କ ସ୍ଥାନ ଅନ୍ୟତମ। ଉତ୍କଳର ପଣ୍ଡିତ ଓ ଆଳଂକାରିକଗଣ ସଂସ୍କୃତରେ ରସ ଓ ଅଳଙ୍କାର ଶାସ୍ତ୍ର ରଚନା କରିବା ସଂଗେ ସଂଗେ କାଳିଦାସ, ମାଘ ପ୍ରଭୃତିଙ୍କ ସଂସ୍କୃତ କାବ୍ୟ ସାହିତ୍ୟ ଆଲୋଚନା ଓ ପଠନରେ ପ୍ରବୃତ୍ତ ହେଉଥିଲେ। ସେମାନଙ୍କ ସ୍ୱଚ୍ଛଧାରଣା ହୋଇଥିଲା ଯେ ଓଡ଼ିଆରେ କୌଣସି ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ହୋଇ ନପାରେ। ତେଣୁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭଗବତକୁ 'ତେଲି ଭାଗବତ' କହି ସେମାନେ ଉପହାସ କରୁଥିଲେ। ସଂସ୍କୃତ ପଣ୍ଡିତଙ୍କର ଏହି ଅବମାନନା ଉତ୍କଳରେ 'କାବ୍ୟଯୁଗ'ର ସୂତ୍ରପାତ କରିଥିଲା। ସଂସ୍କୃତ ସାହିତ୍ୟ ସୁଲଭ ଅଳଙ୍କାର, ରସ, କ୍ଲିଷ୍ଟତା ଓ ଚାତୁର୍ଯ୍ୟ ଆଦିର ସମାବେଶରେ ଓଡ଼ିଆ ସାହିତ୍ୟକୁ ସଂସ୍କୃତାନୁସାରୀ କରିବାକୁ ଯେଉଁ କବିମାନେ ପ୍ରବୃତ୍ତ ହୋଇଥିଲେ ତନ୍ମଧ୍ୟରେ ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ। ଓଡ଼ିଆ ଭାଷା ସାହିତ୍ୟର ଦାରିଦ୍ର୍ୟମୋଚନ ଛଳରେ ଉପେନ୍ଦ୍ର ଯେଉଁ ସଂସ୍କାର ଆଣିଲେ ତାହା ହିଁ ଏହି କାବ୍ୟଯୁଗ ସୃଷ୍ଟିର କାରଣ। ଓଡ଼ିଆ ଭାଷାର ଅଳଙ୍କାର, ଅଭିଧାନ, ଚିତ୍ରକାବ୍ୟ, ଶବ୍ଦ ଓ ଅଳଙ୍କାର ତଥା ବିଭିନ୍ନ ରସବିଧାୟକ ନାୟିକା-ପ୍ରଧାନ ପୌରାଣିକ ଓ ଐତିହାସିକ କାବ୍ୟ, ମହାକାବ୍ୟ, ସଙ୍ଗୀତ, ଚଉତିଶା, ପୋଇଗାହା, ଦୋହା ପ୍ରଭୃତି ସାହିତ୍ୟର ଅଧିକାଂଶ ବିଭାଗ ସଂସ୍କୃତାନୁସାରୀ ରଚନା କରି ଉପେନ୍ଦ୍ର ଭଞ୍ଜ ଭାଷା-ବିଦ୍ୱେଷୀ ଓ ଆତ୍ମଘାତୀ ପଣ୍ଡିତଗଣଙ୍କ ଦର୍ପଦଳନରେ ସକ୍ଷମ ହୋଇଥିଲେ। କାବ୍ୟରେ ଶୃଙ୍ଗାର ଛଳରେ ବର୍ଣ୍ଣନାର ଉତ୍କର୍ଷ ପ୍ରତିପାଦନ କରିବାକୁ ଯାଇ ସେ ସଂସ୍କୃତ ସାହିତ୍ୟ ସୁଲଭ ଅଶ୍ଳୀଳତାକୁ ଅବସ୍ଥାଭେଦରେ ଅତିକ୍ରମ କଲେ। ଶବ୍ଦାଡ଼ମ୍ବର ଓ ରୀତିପୂର୍ଣ୍ଣ କାବ୍ୟ ପ୍ରତିଷ୍ଠା କରିବାକୁ ଯାଇ ସ୍ଥଳବିଶେଷରେ ଦୁର୍ବୋଧ୍ୟତା ସୃଷ୍ଟି କଲେ। ତଥାପି ତାଙ୍କ ସୃଷ୍ଟିର ଅନ୍ତରାଳରେ ଐତିହାସିକ କାରଣ ବିଦ୍ୟମାନ।

ସାହିତ୍ୟକୁ ଏପରି ଅନୁକୃତିମୟ ଓ ଅଭିନବ ରୂପ ଦେବାରେ ଯେ ଉପେନ୍ଦ୍ର ଶ୍ରେଷ୍ଠ ସାଧକ ଏକଥା ଅନସ୍ୱୀକାର୍ଯ୍ୟ। ତଥାପି ଉପେନ୍ଦ୍ର ପୂର୍ବଚାର୍ଯ୍ୟମାନଙ୍କ ପରମ୍ପରା ଉପରେ ଦଣ୍ଡାୟମାନ ରହି ଯେଉଁ ଅଭିନବ ସର୍ଜନା କଲେ ତାହା ସାରଲ୍ୟମୟୀ ଉତ୍କଳଭାରତୀଙ୍କର ଅଳଙ୍କାର ବିମଣ୍ଡିତ ଏକ ରସମୟ ଅଭିବ୍ୟକ୍ତି। କବି ସାରଳା ଦାସ ଓ ବଳରାମ ଦାସଙ୍କ ସାହିତ୍ୟ ସୁଲଭ ପୌରାଣିକତାକୁ ଅନୁସରଣ କରିଥିଲେ ହେଁ ତହିଁର ସାରଲ୍ୟ ଓ ବୈଷ୍ଣବ ସାହିତ୍ୟ ସୁଲଭ ଅନ୍ଧଧାର୍ମିକ ମନୋବୃତ୍ତିକୁ ଉପେନ୍ଦ୍ର ତାଙ୍କ ସୃଜନରେ ପୂର୍ଣ୍ଣ ରୂପେ ପରିହାର କରିଛନ୍ତି। ତହିଁରେ ସଂସ୍କୃତ ସାହିତ୍ୟ ଅନୁରୂପ ଅଳଙ୍କାର, ରସ, ଭାଷା ଓ ପାଣ୍ଡିତ୍ୟର ସମାବେଶ କରି ଉତ୍କଳର ଏହି କାବ୍ୟ ସାହିତ୍ୟକୁ ନବଜନ୍ମ ଦେଇଛନ୍ତି। ଏହିଭଳି ଏକ ବଳିଷ୍ଠ ଓଡ଼ିଆ ରସ ସାହିତ୍ୟ ସୃଷ୍ଟି କରିବାକୁ ସେ ଉତ୍କଳର ସଂସ୍କୃତ କବିଙ୍କ ବ୍ୟତୀତ ଉତ୍କଳର ଅଳଙ୍କାର ଶାସ୍ତ୍ର, ରସ ଶାସ୍ତ୍ର, ଦାନପତ୍ର, ତାମ୍ର ଶାସନ ଓ ଉଭଟ ଶ୍ଳୋକାଦିର ମଧ୍ୟ ଅବତାରଣା କରିଥିଲେ।

କବି ଏହିପରି ମହାକାବ୍ୟ, ସଙ୍ଗୀତ, ଅଭିଧାନ, ଅଳଙ୍କାର-ଶାସ୍ତ୍ରଠାରୁ ଆରମ୍ଭ କରି ଜଣାଣ ଓ ଗାହା, ଦୋହା ପର୍ଯ୍ୟନ୍ତ ରଚନା କରିଥିଲେ ଏବଂ ପାଣ୍ଡିତ୍ୟ ପ୍ରଦର୍ଶନ ଅଥବା ସଂସ୍କୃତ ସାହିତ୍ୟ ଅନୁକରଣରେ ଦୁର୍ବୋଧ ଜନପ୍ରିୟ ଓ ରସାଳ କରିବା ଲକ୍ଷ୍ୟରେ ଶୃଙ୍ଗାରାଶ୍ରିତ ଅଶ୍ଳୀଳତା ପୂର୍ଣ୍ଣ କରି ପକାଇଥିଲେ। ଉପେନ୍ଦ୍ର ସାହିତ୍ୟର ଦୁର୍ବୋଧ୍ୟତା ସତ୍ତ୍ୱେ ତାହା ଜନାଦୃତ ହୋଇଥିଲା। ଏହାର ସଙ୍ଗୀତ ପାଟବ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଅର୍ଥ କିଏ ବୁଝୁ କି ନବୁଝୁ ଛାନ୍ଦଟିଏ ଗାଇ ଦେଇ ଆନନ୍ଦିତ ହେଉଥିଲା। ତେଣୁ ଉତ୍କଳମଣି ଯଥାର୍ଥରେ କହିଛନ୍ତି-

'ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ ପଥେ ପାନ୍ଥ ହୃଷ୍ଟମନା / ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା ନୃତ୍ୟରଙ୍ଗେ ବାରଙ୍ଗନା'।

ସାହିତ୍ୟ ବଞ୍ଚି ରହେ ନାହିଁ ସହସ୍ରତମ ପୁସ୍ତକର ସହସ୍ରସମ ପୃଷ୍ଠାରେ। ସାହିତ୍ୟ ବଞ୍ଚିରହେ ଆନଗର ଜନତାର ଉନ୍ମାଦ ମନରେ ଆଉ ଉତ୍କୃଷ୍ଟ କଣ୍ଠରେ। ଉପେନ୍ଦ୍ରଙ୍କ ସୃଷ୍ଟିରେ ତାହା ହିଁ ଘଟିଥିଲା। ତେଣୁ ଉପେନ୍ଦ୍ର ଗଣକବିର ଗୌରବ ଲାଭ କରିପାରିଛନ୍ତି। ଉପେନ୍ଦ୍ର ଜାତୀୟ ସାହିତ୍ୟ ଓ ଭାଷାର ଦୁର୍ଦ୍ଦିନରେ ଯେଉଁ ସାଧନା, ସଂସ୍କାର ଓ ସୃଷ୍ଟିର ସନ୍ଧାନ କରିଥିଲେ ତାହା ଆଜି ତାଙ୍କ ପ୍ରତିଭା, ପାଣ୍ଡିତ୍ୟ ଓ ସାହସର ସମ୍ୟକ ପରିଚୟ ଦିଏ। ଭାଷାର ଇତିହାସରେ ଏହାର ମୂଲ୍ୟ କିଛି କମ୍ ନୁହେଁ। କାରଣ କିଏ କହିପାରେ ଯେ ଦିନେ ସଂସ୍କୃତ ପଣ୍ଡିତମାନଙ୍କ ପ୍ରରୋଚନାରେ ଓଡ଼ିଆ ଭାଷାର ଅଧୋଗତି ଶେଷ ସୀମା ସ୍ପର୍ଶ କରିନଥା'ନ୍ତା!

ଉପେନ୍ଦ୍ରଙ୍କୁ ଯୁଗାନ୍ତକାରୀ କବି ରୂପେ ଗ୍ରହଣ କରିବାର ଆଉ ଏକ କାରଣ ମଧ୍ୟ ରହିଛି। ଇଂରେଜମାନଙ୍କ ଉତ୍କଳ ଆଗମନ ଓ ଶିକ୍ଷା-ଦୀକ୍ଷାର ପରିବର୍ତ୍ତନ ସହିତ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ଜୀବନର ପରିବର୍ତ୍ତନ ଘେନି ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆମ ସାହିତ୍ୟ ନୂତନ ରୂପ ଧାରଣ କଲା। ତଥାପି ୧୮୫୧ ଖ୍ରୀ.ଅ ଅକତ୍‌କାବ୍ୟ ଯୁଗର ଶେଷ ପ୍ରତିଭା ଉତ୍କଳ ଘଣ୍ଟ ଯଦୁମଣିଙ୍କ ବିୟୋଗ ପର୍ଯ୍ୟନ୍ତ ଉପେନ୍ଦ୍ରସୃଷ୍ଟ କାବ୍ୟିକ ପରମ୍ପରାର ଧାରାବାହିକ ପ୍ରଭାବ ଅଭିମନ୍ୟୁ, କବିସୂର୍ଯ୍ୟ, ଯଦୁମଣି ପ୍ରଭୃତିଙ୍କ କୃତିରେ ଭାସି ଚାଲିଥିଲା। ଓଡ଼ିଶା ସାହିତ୍ୟ ଓ କବି କହିଲେ ସାଧାରଣ ଜନତା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ ପରି ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ସାହିତ୍ୟ କହିଲେ ଆମେ ସାଧାରଣତଃ ତାଙ୍କ ସାହିତ୍ୟର ସଙ୍ଗୀତମୟତା ଓ ରସାଳତା ପ୍ରତି ଦୃଷ୍ଟି ନିକ୍ଷେପ କରୁ। କାରଣ ଏହା ହିଁ ତାଙ୍କ ବିରାଟ ସାହିତ୍ୟ ମଧ୍ୟରେ ଆମ ପ୍ରାଣର ସୂକ୍ଷ୍ମ ବୃତ୍ତିଗୁଡ଼ିକୁ ସ୍ପର୍ଶ କରିଥାଏ ଏବଂ ତାଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ଏହି ସାହିତ୍ୟ ରାଜ୍ୟରେ ସମୁଚିତ ଆସନ ପ୍ରଦାନ କରେ।

ଉପେନ୍ଦ୍ର ଆମ ଜାତୀୟ ସାହିତ୍ୟର ଏକ କାଳରେ ରକ୍ଷକ ଓ ପୋଷକ ଥିଲେ। ବଙ୍ଗୀୟମାନଙ୍କ କୁଚକ୍ରରେ ଏ ଭାଷା ଯେତେବେଳେ ଲୁପ୍ତ ହେବାକୁ ଯାଉଥିଲା, ସେତେବେଳେ ଫକୀର ମୋହନ, ରାଧାନାଥ, ମଧୁସୂଦନଙ୍କର ଯେଉଁ ପ୍ରଚେଷ୍ଟା ଓ ସାଧନା ତାହା ଭୁଲିବାର ନୁହେଁ। ଉପେନ୍ଦ୍ର ମଧ୍ୟ ସେହିପରି ନିଜ ସମୟରେ ସଂସ୍କୃତ କବଳରୁ ନିଜର ଭାଷା ଓ ସାହିତ୍ୟକୁ ରକ୍ଷା କରି ଭାଷା ରାଜ୍ୟରେ ନିଜର ଐତିହାସିକ ଗୁରୁତ୍ୱ ଆନୟନରେ ସମର୍ଥ ହୋଇଥିଲେ। ସେ ଭାଷାକୁ କେବଳ ରକ୍ଷା କରିନଥିଲେ, ତା'ର ରୂପ ପରିବର୍ତ୍ତନ କରିବା ସହିତ ସାହିତ୍ୟର ଭାବ ଓ ରୂପ ବୈଭବର ପରିସର ବୃଦ୍ଧି କରିଥିଲେ। ସାରଳା, ବଳରାମ ଓ ଦୀନକୃଷ୍ଣଙ୍କ ଭଳି ସାହିତ୍ୟରେ ଯୁଗାନ୍ତର ଆନୟନରେ ସମର୍ଥ ହୋଇଥିଲେ। ସଂସ୍କୃତ ସାହିତ୍ୟରେ ଥିବା ସମସ୍ତ ବିଭବକୁ ନିଜ ମାତୃ ସାହିତ୍ୟରେ ରୂପାୟିତ କରି ଏହା ଗୌରବକୁ ବର୍ଦ୍ଧନ କରିବା ପାଇଁ ଉପେନ୍ଦ୍ର ଆପ୍ରାଣ ଉଦ୍ୟମ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ। ସଂସ୍କୃତ ସାହିତ୍ୟରେ ଥିବା ସମସ୍ତ ଚିତ୍ର ବନ୍ଧ, ଛନ୍ଦାଦିକୁ ନିଜ କାବ୍ୟ ସୌଧରେ ସ୍ଥାନିତ କରି ଏକ ମଞ୍ଜୁଳ ରୂପ ପ୍ରଦାନ କରିଛନ୍ତି ଉପେନ୍ଦ୍ର। ପାଠକମାନଙ୍କ ଅବଗତି ନିମନ୍ତେ ଅଳ୍ପ କେତୋଟି ଉଦାହରଣ ପ୍ରଦାନ କରାଗଲା।

ଏକାକ୍ଷର:- ମାଘ କାବ୍ୟରେ ଶ୍ରୀହର୍ଷ ଲେଖିଛନ୍ତି- 'ଦାଦଦୋ ଦୁଦ୍ଦ ଦୁଦ୍ଦାଦି, ଦାଦା ଦୋ ଦୂଦଦୀ ଦଦୋଃ। ଦୁଦ୍ଦାଦଂ ଦଦଦେ ଦୁଦ୍ଦେ ଦଦା ଦଦ ଦଦୋ ଦଦଃ'। ଆମର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରେମ ସୁଧାନିଧି କାବ୍ୟର ଷୋଡ଼ଶ ଛାନ୍ଦରେ ଲେଖିଛନ୍ତି – 'କକୁ କକୃ କୋକୋ କାକ କାକା କକୁ କ୍ରକ। କିକେ କକ କେକୀ କେକୋ କକି କୀଙ୍କ କକ'। ନାଶି ଏମାନଙ୍କୁ ପୋଷି ବ୍ୟାଧ ବ୍ୟାଲ ତେବେ। ରଖି ରଖି ଗୋପ୍ୟପୁରେ ବଞ୍ଚାଇଲୁ ଭାବେ'।

ଅବନା:-ଉପେନ୍ଦ୍ର ଅବନା(ବିନା ବନାନ)ରେ ଗୋଟିଏ କାବ୍ୟ ରଚନା କରିଛନ୍ତି। ଯାହାର ନାମ 'ଅବନ୍ୟ ରସ ତରଙ୍ଗ'। କାବ୍ୟଟି ରାମାୟଣ କଥାବସ୍ତୁ ଉପରେ ଆଧାରିତ। ରାମାୟଣର ସମସ୍ତ ଚରିତ୍ରର ବର୍ଣ୍ଣନା ଏଥିରେ ରହିଛି। କବି କିନ୍ତୁ ବିନା ବନାନରେ ତାହା ଲେଖିଛନ୍ତି। ଗୋଟିଏ ପଦ ଦେଖନ୍ତୁ: 'ଅସମ ଶର ଉଚ୍ଛନ କରଇତ କଥନ କମଳ ନୟନ। କର ଜଳଧର ସଦୟ ଉଭୟ ନକର ବରଗରଜନ। ଜଳଦ, ଚଳକ କନକ ନଗର। ନକର ସଖ ପରଖର ପବନ, ଜଳବରଷଣ ନକର' ଇତ୍ୟାଦି।

ଲୋମ-ବିଲୋମ, ବ୍ୟାଘ୍ରଗତି, ମେଷ ଯୁଦ୍ଧ, ଗୋମୂତ୍ର ଛନ୍ଦ, ବିବିଧ ବନ୍ଧ ମଧ୍ୟ ଭଞ୍ଜଭାରତୀରେ ରହିଛି। ଇଂରାଜୀ ସାହିତ୍ୟରେ ଏହାକୁ 'ପାଲିନଡ୍ରମସ୍' ବୋଲି କୁହାଯାଏ। ଯଥା-radar, madam, malayalam... ଇତ୍ୟାଦି। ଏଣୁ ପଢ଼ିବ ଯାହା, ତେଣୁ ପଢ଼ିବ ତାହା। ସଂସ୍କୃତରେ କାଳୀଦାସ 'ବିନା ସନା ନା ସନା ବିଷ ଦାଳିକା' ଲେଖିଲେ। ଓଡ଼ିଆରେ ସେହିପରି- 'କଡ଼ାକୁ କାଣୀ ଗଣିକାକୁ ଡାକ' କିମ୍ବା 'ବଣିଆଁ ବାରିପଦାରୁ ଦା'ପରିବା ଆଣିବ'। ଉପେନ୍ଦ୍ର ସ୍ୱୀୟ 'ପ୍ରେମ ସୁଧନିଧି' କାବ୍ୟର ୧୫ ଛନ୍ଦକୁ ୨୦ ପଦରେ ଲେଖିଛନ୍ତି। ପ୍ରଥମ ୧୦ ପଦ ଯାହା ଶେଷ ୧୦ ପଦ ଠିକ୍ ଓଲଟା। ଗୋଟିଏ ପଦଉଦ୍ଧୃତି ହେଲା- 'ରବର ବିହେ କଷ୍ଟ ସୁକୀର ତୋ ସରୋସ। ରସଦା ଦରବ ତୁହି ନାଶ ପ୍ରାଣେ ରସ'। ଏହା ପ୍ରଥମ ପଦ। ଏହି ଛାନ୍ଦର ୨୦ ପଦ ବା ଶେଷ ପଦ ହେଲା- 'ଶରଣେ ପ୍ରାସ ନାହିଁ ତୁ ବରଦ ଦାସର'। ସରୋଷ ତୋର କି ସୃଷ୍ଟ କହେ ବୀରବର'। ୨ୟ ପଦଟି ୧୯ ପଦର ଓଲଟା। ସେହିଭଳି କୋଟି ବ୍ରହ୍ମାଣ୍ଡସୁନ୍ଦରୀର ୨୦ ଛାନ୍ଦକୁ କବି ଏପରି ଲେଖିଛନ୍ତି ଯେ ଗୋଟିଏ ପଦକୁ କଳହଂସ କେଦାର ରାଗରେ ଗାଇଲେ ଏହା ପୁରୁଷ ଅର୍ଥରେ କାବ୍ୟ ନାୟକ ପୁଷ୍ପକେତୁକୁ ବୁଝାଇବ। ସେହିପରି ଉକ୍ତ ପଦକୁ ଭୂପାଳ ରାଗରେ ଗାଇଲେ ନାରୀ ଅର୍ଥରେ କୋଟି ବ୍ରହ୍ମାଣ୍ଡସୁନ୍ଦରୀକୁ ବୁଝାଇବ। ଏହା ଏକ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ଏହି ସବୁ ଚିତ୍ରକାବ୍ୟ ପାଇଁ ଉପେନ୍ଦ୍ର ସ୍ୱତନ୍ତ୍ର ଭାବରେ ଏକ କାବ୍ୟ ରଚନା କରିଛନ୍ତି, ଯାହାର ନାମ 'ଚିତ୍ରକାବ୍ୟ ବନ୍ଧୋଦୟଂ'। ମାଲାୟାଲାମ ଓ ଗୁଜୁରାଟି ସାହିତ୍ୟକୁ ଛାଡ଼ି ଦେଲେ ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଏଭଳି ଖଣ୍ଡିଏ କାବ୍ୟ ନାହିଁ। ଆତ୍ମଘୋଷିତ ସମୃଦ୍ଧଶାଳୀ ବଙ୍ଗଳା ସାହିତ୍ୟରେ ଏ ସବୁ ସ୍ୱପ୍ନ। ଏହା ଉପେନ୍ଦ୍ର ଭଞ୍ଜ ଓ ଆମ ମାତୃ ସାହିତ୍ୟର ଗୌରବ।

ଓଡ଼ିଆ ଭାଷା ଓ ସାହିତ୍ୟ ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ସାରଳା ଯୁଗଠାରୁ ଭଞ୍ଜ ଯୁଗ ପର୍ଯ୍ୟନ୍ତ ସେହି ପ୍ରଥିତଯଶା କବିମାନଙ୍କର କୃତି ଲାଗି ଆମ ଭାଷା ସାହିତ୍ୟ ଗୌରବମଣ୍ଡିତ ହୋଇଛନ୍ତି। ଏହି ଅବସରରେ ଆମର ଲୋକପ୍ରିୟ ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଲୋକାର୍ପଣ କରିବା ସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରୁଛନ୍ତି। ରୀତି ସାହିତ୍ୟର ପଠନ ଓ ଗବେଷଣା ଲାଗି ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ଏହି ଗୌରବମଣ୍ଡିତ ସାହିତ୍ୟକୃତି ବିଶେଷ ଜନାଦୃତ ହୋଇପାରନ୍ତା।

ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଫେବୃୟାରୀ ୨୦୨୪ ବୁଧବାର





# ଓଡ଼ିଆ ଭାଷାର ବିଶ୍ୱ ଯାତ୍ରା ପରିପ୍ରେକ୍ଷୀରେ 'ଉତ୍କଳ ଦୀପିକା'ର ପ୍ରତିବେଦନ ...


ପ୍ରତ୍ୟେକ ସମାଜଅଭିମୁଖୀ କାର୍ଯ୍ୟାନ୍ୱୟନର ମୂଳଭିତ୍ତି-ବୋଧ ଅଥବା ମନୋବୃତ୍ତିର ଫଳଗତ ପରିଣାମ କେବେହେଁ ବିଫଳ ହୁଏନାହିଁ । ବିଗତ ୧୮୬୫ ମସିହାରେ ଓଡ଼ିଆ ଭାଷାର ଐକ୍ୟ-ପ୍ରତିଷ୍ଠା ଓ ନିରାଜନା ପାଇଁ ଯେଉଁ ଆନ୍ଦୋଳନ ଦେଖାଦେଇଥିଲା ଓ ସେବର ବୁଦ୍ଧିବାଦୀ-ପ୍ରାଜ୍ଞ-ସମାଜହିତୈଷୀ ପଣ୍ଡିତଜନଙ୍କ ମେଳି ଯେଭଳିଭାବେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ଦୁର୍ବାର ରୋମାଞ୍ଚ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଜାଗ୍ରତ କରିଥିଲା ତାହା ଏବେକୁ ଭାବି ବସିଲେ ଚକିତ ହେବାକୁ ପଡ଼େ । ତାଳପତ୍ର ପୋଥି-ମୁଖର ଭାଷା (ବୋଲି-ଢଗ-ଢମାଳି-ଚଷାଗୀତ)କୁ ମୁଦ୍ରିତ କଳେବରରେ ପ୍ରଥମ କରି କର୍ମବୀର ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ ଯେପରି କଟକ ସହରରେ 'କଟକ ପ୍ରିଣ୍ଟି କମ୍ପାନୀ' ନାମରେ ଅବସ୍ଥାପିତ କରାଯାଇ ମୁଦ୍ରିତ କରାଗଲା ତାହା ସେବେଳେ ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଦେଇଥିଲା । ସେବଳର ସାହିତ୍ୟ ପ୍ରାଣ ବିଦ୍ୱାନଗଣ କଟକରୁ ପ୍ରକାଶିତ ଉତ୍କଳ ଦୀପିକାରେ ସାହିତ୍ୟ-ସମ୍ବାଦ-ଦାବୀ-ନବ ଉତ୍କଳ ନିର୍ମାଣଗତ ଚିନ୍ତା ଚେତନାର ବହୁମୂଲ୍ୟ ପ୍ରବନ୍ଧମାନ ରଚନା କଲେ ଏବଂ ତାହା କେବଳ ଓଡ଼ିଶାର ଜନଗଣଙ୍କୁ ସାହିତ୍ୟିକ ଜ୍ଞାନ ଆହରଣର ସୁଯୋଗ ଦେଲାନାହିଁ ବରଂ ପରାଧୀନତାର ସଂକଟ ଜନକ ପରିସ୍ଥିତିରୁ ଦେଶର ଉଦ୍ଧାର ପାଇଁ ବହୁ ଚିନ୍ତା ଉଦ୍ରେକକାରୀ ଦସ୍ତାବିଜମାନ ପରିବେଷଣ କରି ଲୋକ ସଚେତନତାର ଜାଗତ ପ୍ରହରୀ ସାଜିଲା ।

ସମଭାବାପନ୍ନ ସାଥୀମାନଙ୍କୁ ସଖ୍ୟ ଦେଇ କର୍ମବୀର ଗୌରୀଶଙ୍କର ମାତୃଭାଷାର ପୁଷ୍ଟି ପାଇଁ ଯେଉଁ ଅବିରତ ଉଦ୍ୟମ କରିଗଲେ ତା'ର ଫଳଶ୍ରୁତି ସ୍ୱରୂପ ଆମ ଓଡ଼ିଆ ଭାଷା ଦୀର୍ଘକାଳ ଧରି ସେବେଲୁ ଏକ ବଳିଷ୍ଠ-ଶାସ୍ତ୍ରୀୟ ଭାଷା ରୂପେ ତା'ର ମର୍ଯ୍ୟାଦା ରକ୍ଷା କରିବାରେ ଆଜି ସମର୍ଥ ହେଲା । ସେହି ପୂର୍ବ ସୂରିମାନେ ଆମର ନମସ୍ୟ-ବନ୍ଦନୀୟ ।


'ଉତ୍କଳ ଦୀପିକା' ଆଧୁନିକ କାଳର ବିବିଧ ଯାନ୍ତ୍ରିକ ବିପୁଳତା ମଧ୍ୟରେ ଅବଶ୍ୟ କ୍ଳାନ୍ତ ହୋଇଗଲା କିନ୍ତୁ ସେଥିରେ ପ୍ରକାଶିତ ବିବିଧ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧ-ତର୍କ-ତର୍ଜମା ଆଜିବି ବୁଦ୍ଧିବାଦୀ ମାନଙ୍କୁ ଚକିତ କରିଦେଇଥାଏ । ସେହି ଯୋଗଜନ୍ମା-ଭାଷାପ୍ରାଣ ମହର୍ଷି କର୍ମବୀର ଗୌରୀଶଙ୍କରଙ୍କର ଉତ୍ତରଦାୟଦ ସୂତ୍ରେ ଆମର ପ୍ରିୟ ସମ୍ପାଦକ ଜୟାଶୀଷ ରାୟ ଦୀର୍ଘବର୍ଷ ଧରି ନାନାଦି ଆଇନଗତ ସଂକଟ ଭିତରୁ ଉତ୍କଳ ଦୀପିକାକୁ ଉଦ୍ଧାର କରି ଏକ ପରିଚ୍ଛନ୍ନ କଳେବରରେ ସ୍ୱସାମର୍ଥ୍ୟରେ ୨୦୧୬ ମସିହା ଜୁଲାଇ ମାସ ୧୩ ତାରିଖରେ ଗୌରୀଶଙ୍କରଙ୍କ ୧୫୦ତମ ଜନ୍ମତିଥିରେ ତା'ର ପୁନଃସଂସ୍କରଣ ରୂପ ପ୍ରକାଶ କରିବାରେ ଯେଭଳି ଗଳଦ୍‌ଘର୍ମ ପ୍ରଚେଷ୍ଟା କଲେ ତାହା ବାସ୍ତବିକ ଚିନ୍ତା କରିବାର କଥା ।

୨୦୧୬, ଜୁଲାଇ ୧୩ ତାରିଖ ଥିଲା ସେହି ଭାଷା ଯୋଦ୍ଧାଙ୍କର ଜନ୍ମତିଥି । ସେଦିନ ଅପୂର୍ବ ଉତ୍ସାହ ଓ ଆଗ୍ରହରେ ଆମ ରାଜ୍ୟର ବିଶିଷ୍ଟ ବିଦ୍ୱାନ-ଭାଷାବିତ୍-ସାହିତ୍ୟିକ ମାନଙ୍କର ଅଭୁତପୂର୍ବ ସମାବେଶ ଦେଖିଥିବେ ସେମାନେ ଚକିତ-ଆଶ୍ଚର୍ଯ୍ୟ ହୋଇପଡ଼ିଥିବେ । ମଞ୍ଚାସୀନ ଅତିଥି ଭାବେ ଯୋଗଦାନ କରିଥିଲେ ଦିଗ୍‌ଗଜ ଭାଷାବିଦ୍ୱାନୀ ସର୍ବଶ୍ରୀ ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂହ, ଶ୍ରୀ ଚରଣ ମହାନ୍ତି, ଗଗନେନ୍ଦ୍ର ନାଥ ଦାଶ, ଦେବେନ୍ଦ୍ରନାଥ ଦାଶ, ଇଂ. ପ୍ରଦୀପ ପଣ୍ଡା, ଡ. ଗୌରାଙ୍ଗ ଚରଣ ଦାଶ, ପ୍ର. ନିତ୍ୟାନନ୍ଦ ଶତପଥୀ, ଡ. ଭାଗ୍ୟଲିପି ମଲ୍ଲ, ଡ. ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ।

ଆଜି ଉତ୍କଳ ଦୀପିକାର ସେଇ ନୂତନ କଳେବରକୁ ହଜାର ସଂଖ୍ୟାରେ ପାଠକ ମାନଙ୍କୁ ଯୋଗାଇ ଦେବାକୁ ପ୍ରଚେଷ୍ଟା କରିଛୁ ଏହି ଭବ୍ୟ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ- ୨୦୨୪'ର ବିଶାଳ ସାରସ୍ୱତ ଆସରରେ । ସେପାଇଁ ଆମେ ଆଜି ଗର୍ବ ମଣୁଛୁ ନିଜକୁ । ବନ୍ଦେ ଉତ୍କଳ ଭାଷା ଜନନୀ ।





































# ସମାଜକୁ ସଜାଡ଼ିବାରେ ସାହିତ୍ୟ ଗୁରୁତ୍ୱପୂର୍ଣ୍ଣ: ସମ୍ବର୍ଦ୍ଧିତ ହେଲେ କଥାକାର ବିଭୂତି ପଟ୍ଟନାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମାଜର ଦୁର୍ବଳତାଗୁଡ଼ିକୁ ଗୁରୁତ୍ୱ ଦେଇ ଏହାର ନିରାକରଣ ନିମନ୍ତେ ସାହିତ୍ୟିକମାନେ ମନୋନିବେଶ କରିବା ଆବଶ୍ୟକ। ସାହିତ୍ୟ ସମାଜର ଦର୍ପଣ ସଦୃଶ, ଯାହାକି ସମାଜ ଭିତରେ ଥିବା ଅନୀତି ଓ ଅନ୍ୟାୟକୁ ସାମ୍ନାକୁ ଆଣିବା ସହ ତା' ବିରୋଧରେ ସ୍ୱର ଉତ୍ତୋଳନ କରିଥାଏ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଦୁଇଦିନିଆ ବିମର୍ଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଏଭଳି କହିଛନ୍ତି ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍। ସେ ଆହୁରି କହିଛନ୍ତି ଯେ, ଯେତେବେଳେ ସମାଜ କୌଣସି ଆହ୍ୱାନର ସାମ୍ନା କରିଥାଏ, ସେତେବେଳେ ସାହିତ୍ୟିକମାନେ ହିଁ ସ୍ୱର ଉତ୍ତୋଳନ କରିଥାନ୍ତି। ଫରାସୀ ବିପ୍ଳବ ହେଉ ଅଥବା ଇରାନ ବିଦ୍ରୋହ, ସବୁ କ୍ଷେତ୍ରରେ ସାହିତ୍ୟିକମାନଙ୍କର ଏକ ବଡ଼ ଭୂମିକା ରହିଥିଲା। ଓଡ଼ିଆ ଔପନ୍ୟାସିକ ବ୍ୟାସକବି



ଫକୀରମୋହନଙ୍କ 'ରେବତୀ' ଉପନ୍ୟାସକୁ ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ, ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସବୁଠାରୁ ମନପସନ୍ଦର ପୁସ୍ତକ। କାରଣ ଏଥିରେ ସମାଜର ଅନ୍ୟାୟ ଓ ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହିତ କନ୍ୟା ସନ୍ତାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଆଜି ସାହିତ୍ୟିକମାନେ ସମାଜରେ ମୂଲ୍ୟବୋଧ ଅବକ୍ଷୟ, ସାମାଜିକ ଗଣମାଧ୍ୟମର କୁପ୍ରଭାବ, ବୃଦ୍ଧି ପାଉଥିବା ନିଶା କାରବାର ଏବଂ ଭାଙ୍ଗି ଯାଉଥିବା ଭାରତୀୟ ପରିବାର ବ୍ୟବସ୍ଥା ଭଳି ପ୍ରସଙ୍ଗରେ ଲେଖିବାକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପରିବାର ଭାରତର ଶକ୍ତି ଓ ସାମର୍ଥ୍ୟ। ପରିବର୍ତ୍ତିତ ସମୟରେ ପରିବାରର ଗୁରୁତ୍ୱ ହ୍ରାସ ପାଉଛି ଏବଂ ଆଗାମୀ ୫୦ ବର୍ଷ ମଧ୍ୟରେ ଏହା ପାଶ୍ଚାତ୍ୟ ଦେଶଗୁଡ଼ିକ ପରି ହୋଇଯିବାର ଆଶଙ୍କା ରହିଛି। ସମାଜରେ ଏପରି ଅନେକ ପ୍ରସଙ୍ଗ ରହିଛି, ଯାହାକୁ କି ପ୍ରଶାସକ କିମ୍ବା ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ବ୍ୟକ୍ତିମାନେ ସମାଧାନ କରିପାରିବେ ନାହିଁ। ମାତ୍ର ସାହିତ୍ୟିକମାନେ ଏହାର ସମାଧାନ କରିପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କୁ ମାନପତ୍ର, ଉତ୍ତରୀୟ ଓ ଏକ ଲକ୍ଷ ଟଙ୍କା ସମ୍ମାନ ରାଶି ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ହେବା ଅବସରରେ ଶ୍ରୀ ପଟ୍ଟନାୟକ, ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଥିବା ୩ ଦିନିଆ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିବା ସହ ଏହାଦ୍ୱାରା ଓଡ଼ିଆ ଭାଷା ପ୍ରତି ଲୋକମାନଙ୍କ ଭିତରେ ସଚେତନତା ବୃଦ୍ଧି ପାଇବ ବୋଲି କହିଥିଲେ। ଏହି ଅବସରରେ 'ସୋଆ'ର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜ ରଞ୍ଜନ ନାୟକ, ଏବଂ ଶ୍ରୀ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ 'ସୋଆ' ପରିଚାଳିତ ସେଣ୍ଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେକଗ୍ନିସନ୍ ଅଫ୍ ଆନ୍‌ସିଏଣ୍ଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ମୁଖ୍ୟ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଶାମୁକ୍ତି ପାଇଁ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବୁଝାମଣାପତ୍ର ସ୍ୱାକ୍ଷରିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତି ନିମନ୍ତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପଦକ୍ଷେପ ସୁଦୃଢ଼ କରିଛି। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ ଓ ବ୍ରହ୍ମପୁରରେ କାର୍ଯ୍ୟରତ ୫ଟି ସ୍ୱେଚ୍ଛାସେବୀ ସଂଗଠନ ନିଶାମୁକ୍ତି ନିମନ୍ତେ କାର୍ଯ୍ୟକ୍ରମକୁ ବ୍ୟାପକ କରିବେ। ନିଶା ବାରଣ କେନ୍ଦ୍ର ମାଧ୍ୟମରେ ଅନୁଷ୍ଠାନଗୁଡ଼ିକ ନିଶାମୁକ୍ତି ଅଭିଯାନରେ ସାମିଲ ହେବେ। ସେଥିପାଇଁ ବିଭାଗ ପକ୍ଷରୁ 'ଦିଶା' ଯୋଜନା ଅଧୀନରେ ଅନୁଷ୍ଠାନ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

ଭୁବନେଶ୍ୱରସ୍ଥିତ ରାଜ୍ୟ ଭିନ୍ନକ୍ଷମ ପୁନଃଥଇଥାନ ପ୍ରତିଷ୍ଠାନ ପରିସରରେ ନିକଟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ। ଶ୍ରୀ ସେଠୀ ଅନୁଷ୍ଠାନର କର୍ମକର୍ତ୍ତା ତଥା କେନ୍ଦ୍ର ପରିଚାଳକମାନଙ୍କୁ ସେବା ମନୋବୃତ୍ତି ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ସଚେତନତା ପ୍ରସାର, ନିଶାଡିମାନଙ୍କୁ ଚିହ୍ନଟ ସେମାନଙ୍କୁ ପରାମର୍ଶ ଓ ଚିକିତ୍ସା ତଥା ଥଇଥାନ ପାଇଁ ଅନୁଷ୍ଠାନଗୁଡ଼ିକ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ରାୟ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ସୋନିଆ ବେହେରା ମଧୁମିତା ନାୟକ, ଦୀପକ ରାଉତରାୟ ତଥା ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଭୁବନେଶ୍ୱରର ଫେଥ୍ ଚାରିଟେବୁଲ୍ ଟ୍ରଷ୍ଟ, ଖୋର୍ଦ୍ଧାର ମୁକ୍ତି ଫାଉଣ୍ଡେସନ, ବ୍ରହ୍ମପୁରର ପିପୁଲସ୍ ଫୋରାମ୍, କଟକର ପିପୁଲସ୍ କଲଚରାଲ୍ ସେଣ୍ଟର ଓ ପୁରୀର ବୈଦିକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନସ୍ ବିଭାଗ ପକ୍ଷରୁ ନିଶାମୁକ୍ତି ନିମନ୍ତେ ତିନିବର୍ଷ ପାଇଁ ଆର୍ଥିକ ସହାୟତା ପାଇବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ନିଶାମୁକ୍ତି କେନ୍ଦ୍ର ରହିଛି। ସାମାଜିକ ସୁରକ୍ଷା ବିଭାଗ ନିଶାମୁକ୍ତି କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ସ୍ଥିର କରି ନିଶାସକ୍ତମାନଙ୍କ ଯଥାର୍ଥ ପ୍ରତିଷେଧକ ଓ ସଂଶୋଧନ ପୂର୍ବକ ସାମାଜିକ ସ୍ରୋତରେ ସଫଳ ଭାବରେ ସାମିଲ କରିବା ନିମନ୍ତେ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ 'ନିଶାମୁକ୍ତ ଭାରତ ଅଭିଯାନ' ରାଜ୍ୟ କମିଟି ବୈଠକରେ ନିଶା ସେବନର ବିରୋଧରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ବିଜେଡ଼ିରେ ମିଶିଲେ ଏକାମ୍ର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ଦାସ ଓ ଶ୍ରୀ ପଣ୍ଡା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଦାସ ଓ ଶ୍ରୀ ପଣ୍ଡା କହିଥିଲେ।




ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

ଏହି ମିଶ୍ରଣ ପର୍ବରେ ବିଜେପି ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାପତି ଛବି ସ୍ୱାଇଁ, ଲିଙ୍ଗରାଜ ମଣ୍ଡଳର ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ଗୋପାଳ ମକଦମ, ବିଜେପି ଖଣ୍ଡଗିରି ମଣ୍ଡଳ ସମ୍ପାଦକ ମନୋଜ ଦୋରା, ବିଜେପି ଲିଙ୍ଗରାଜ ମଣ୍ଡଳର ପୂର୍ବତନ ସମ୍ପାଦକ ଓ ପୂର୍ବତନ ଉପସଭାପତି ଅମରେନ୍ଦ୍ର ଗରାବଡ୍ଡୁ, ସସ୍ମିତା ସାହୁ, ଭାରତୀ ସେଠୀ, ପ୍ରତାପ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ରଞ୍ଜିତା ବାଲିଆ, ଆରତୀ ମହାରଣା, ଉର୍ମିଳା ମାଝୀ, ସତ୍ୟଭାମା ସ୍ୱାଇଁ, ଶାନ୍ତି ବାରିକ, ଗାୟତ୍ରୀ ରାୟ, ଦେବରାଜ କବିଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍? ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାନସଭାରେ...

ନହୋଇ ଗୃହ ମଝିକୁ ଆସି ଧାରଣାରେ ବସିଥିଲେ। ଏହି ଅଭାବନୀୟ ଘଟଣାର ସମାଧାନ ପାଇଁ ବାଚସ୍ପତି ବାରମ୍ବାର ବିଧାୟକ ଶ୍ରୀ ମିଶ୍ରଙ୍କୁ ନିଜ ଆସନକୁ ଫେରି ଯିବାକୁ ଅନୁରୋଧ କରିଥିଲେ। ଅନ୍ୟ ପକ୍ଷରେ ଶାସକ ଦଳ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ଗୃହର ବରିଷ୍ଠ ସଦସ୍ୟ ଶ୍ରୀ ମିଶ୍ର ଗୃହ ମଝିରେ ଧାରଣା ଦେବା ସୁସ୍ଥ ପରମ୍ପରା ହେଉନାହିଁ ଏବଂ ଏହା ଶୋଭନୀୟ ନୁହେଁ, ତୁରନ୍ତ ବାଚସ୍ପତି ଏହାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଧାରଣାରେ ବସିଥିବା ବିଧାୟକ ଶ୍ରୀ ମିଶ୍ରଙ୍କ ପାଖକୁ ଯାଇ ତାଙ୍କୁ ବୁଝାସୁଝା କରିଥିଲେ। ଅନ୍ୟ ପକ୍ଷରେ ଶାସକ ଦଳ ବିଧାୟକ ପ୍ରଣବ ପ୍ରକାଶ ଦାସ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ଦର୍ଶାଇଥିଲେ ଯେ, ବରିଷ୍ଠ ବିଧାୟକ ଶ୍ରୀ ମିଶ୍ର ଉଠାଇଥିବା ପ୍ରସଙ୍ଗରେ ବାଚସ୍ପତି ତାଙ୍କୁ ଚାମ୍ବରକୁ ଡ଼ାକି ଆଲୋଚନା କରନ୍ତୁ ଏବଂ ଏଥିପାଇଁ ଗୃହକୁ ୫ ମିନିଟ ମୁଲତବୀ ରଖାଯାଉ। ବାଚସ୍ପତି ଏହା ଶୁଣିବା ପରେ ଏବଂ ଗୃହରେ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତିର ଅବସାନ ପାଇଁ ବୈଠକକୁ ୩୦ ମିନିଟ ପାଇଁ ମୁଲତବୀ କରିଥିଲେ। ଏହା ପରେ ମଧ ଉପବାଚସ୍ପତି ଆଉ ଥରେ ୩୦ ମିନିଟ୍ ପାଇଁ ଗୃହକୁ ମୁଲତବୀ ରଖିଥିଲେ। ଏହା ପରେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

## ମଧୁବାବୁ ପେନ୍‌ସନ୍ ...

ଅନୁମୋଦନ ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ୨୦୨୩ ଅଗଷ୍ଟରେ ଅତିରିକ୍ତ ୪.୧୩ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିଥାନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ଓ ଏଡ଼ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କୋଭିଡ ଅନାଥ ପିଲାମାନେ ସାମିଲ ହୋଇଥାନ୍ତି। ଏହି ଯୋଜନାରେ ଛୋଟ ପିଲା ଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀ ମାନେ ମାସକୁ ୫୦୦ ଟଙ୍କା ପାଇଥାନ୍ତି। ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଆନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଆନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ।

## ବଜ୍ରପାତକୁ ପ୍ରାକୃତିକ...

ଜୀବନ ଯାଉଛି ସେ ନେଇ ଆଇଏମଡିର ତଥ୍ୟକୁ ଉପସ୍ଥାପନ କରିଥିଲେ। ଶ୍ରୀ ମଙ୍ଗରାଜ କହିଛନ୍ତି, ଆଇଏମଡିର ତଥ୍ୟ ଅନୁସାରେ ବଜ୍ରପାତ ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ଅଢେଇ ହଜାର ଲୋକଙ୍କର ମୃତ୍ୟୁ ହେଉଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୬% ହେଉଛନ୍ତି ଗ୍ରାମାଞ୍ଚଳର। ଯେଉଁମାନେ କି କୃଷକ, ଗୋରୁ ଚରାଳି, ମତ୍ସ୍ୟଜୀବୀ ଓ ଶ୍ରମିକ ଶ୍ରେଣୀର। ଶେଷ ବର୍ଷର ତଥ୍ୟ ଅନୁସାରେ ଓଡିଶାରେ ସର୍ବାଧିକ ବଜ୍ରପାତ ହୋଇଛି। ପାଣିପାଗ ପରିବର୍ତ୍ତନ ଓ ଅନ୍ୟ ସବୁ କାରଣରୁ ଓଡିଶାରେ ଅଧିକ ବଜ୍ରପାତ ହେଉଛି। ତେବେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଓଡିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ ହୋଇଛି। ଓଡିଶା ସରକାର ୨୦୧୫ରେ ବଜ୍ରପାତକୁ ଷ୍ଟେଟ୍- ସ୍ପେଶିଫିକ୍-ଡିଜାଷ୍ଟର ବିପର୍ଯ୍ୟୟ ଘୋଷଣା କରିଥିଲେ। ବଜ୍ରପାତ ରୋକିବା ପାଇଁ ଅନ୍ୟାନ୍ୟ ପଦକ୍ଷେପ ବି ନେଇଛନ୍ତି।

## ପ୍ରଶ୍ନପତ୍ର ଲିକ୍ କଲେ ...

ଅପରାଧକୁ ବୁଝାମଣା କରି ରଫାଦଫା କରାଯାଇ ପାରିବ ନାହିଁ ବୋଲି ବିଲ୍‌ରେ ବ୍ୟବସ୍ଥା ରଖାଯାଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବିଲ୍ ଉପସ୍ଥାପନ କରି କହିଛନ୍ତି ଯେ ପ୍ରଶ୍ନପତ୍ର କିମ୍ବା ଉତ୍ତରଖାତା ଲିକ୍ କରିବା, ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଜଣେ ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ସହଯୋଗ କରିବା କିମ୍ବା ପରୀକ୍ଷାରେ ହେରଫେର କରିବା ଆଦିକୁ ବିଲ୍‌ରେ ଅପରାଧ ଭାବେ ବିବେଚନା କରାଯାଇଛି। ବିଲ୍‌ରେ ବ୍ୟବସ୍ଥା ହୋଇଛି ଯେ ଯଦି କେହି ବ୍ୟକ୍ତି କିମ୍ବା ଗ୍ରୁପ ପ୍ରଶ୍ନପତ୍ର ଲିକ୍ କିମ୍ବା ଉତ୍ତର ଖାତାରେ ହେରଫେର କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାହେଲେ ତାଙ୍କୁ ସର୍ବନିମ୍ନ ୩ ବର୍ଷ ଜେଲ ଦଣ୍ଡ ମିଳିବ। ଏହାକୁ ୫ ବର୍ଷ ବୃଦ୍ଧି କରାଯାଇ ପାରିବ ଓ ଫାଇନ ୧୦ ଲକ୍ଷ ଟଙ୍କା ଯାଏ ରହିବ। ସେବା ପ୍ରଦାନକାରୀ ସଂସ୍ଥା ଯଦି ସମ୍ଭାବ୍ୟ ଅପରାଧ ସମ୍ପର୍କରେ ଜାଣି ମଧ ଚୁପ ରହିବ, ତାହେଲେ ସେଭଳି ସଂସ୍ଥାକୁ ୧ କୋଟି ଟଙ୍କା ଯାଏ ଫାଇନ ଦେବାକୁ ହେବ। ସଂସ୍ଥାର ସିନିୟର ମ୍ୟାନେଜରଙ୍କୁ ୧୦ ବର୍ଷ ଯାଏ ଜେଲ କିମ୍ବା ୧ କୋଟି ଫାଇନ ଦେବାକୁ ପଡ଼ିବ। ସଂଗଠିତ ଭାବେ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରୁଥିବା ଲୋକଙ୍କୁ ୫ରୁ ୧୦ ବର୍ଷ ଯାଏ ଜେଲଦଣ୍ଡ ସହ ୧ କୋଟି ଟଙ୍କା ଫାଇନ ଦେବାକୁ ପଡ଼ିବ। ପରୀକ୍ଷା ସହ ଜଡ଼ିତ ହେରଫେର ଘଟଣାର ତଦନ୍ତ ଡିଏସ୍‌ପି, ଏସିପି ପ୍ୟାହା କିମ୍ବା ତା ଠାରୁ ଅଧିକ ର୍‍ୟାଙ୍କର ଅଧିକାରୀମାନେ ହିଁ କରିପାରିବେ। କୌଣସି କନିଷ୍ଠ ର୍‍ୟାଙ୍କର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ମିଳିବ ନାହିଁ। ୟୁପିଏସ୍‌ସି, ଏସ୍‌ଏସସି, ରେଳବାଇ, ଆଇବିପିଏ ଓ ଏନଟିଏ ଭଳି ପ୍ରବେଶିକା ପରୀକ୍ଷା ପାଇଁ ଏହି ନିୟମ ଲାଗୁ ହେବ।

## ୟୁପିଏ ସରକାରଙ୍କ...

ଆର୍ଥିକ ଦୁର୍ଗତି ଓ ଅର୍ଥ ବ୍ୟବସ୍ଥା ଉପରେ ପଡିଥିବା ନକରାତ୍ମକ ପ୍ରଭାବକୁ ମଧ ବିସ୍ତାରରେ ଉପସ୍ଥାପନ କରାଯିବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସଂସଦରେ ଧନ୍ୟବାଦ ପ୍ରସ୍ତାବ ଚର୍ଚ୍ଚାର ଜବାବ ଦେଇ ପ୍ରଧାନମନ୍ତ୍ରୀ କଂଗ୍ରେସ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ କଂଗ୍ରେସ କେବଳ ଏକ ପରିବାରରେ ରହିଯାଇଥିବା ପାର୍ଟି ଓ ଦେଶ ପାଇଁ କିଛି କରିନାହିଁ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଦେଶରେ ଆଜି ଯେଉଁ ଗତିରେ ବିକାଶ ମୂଳକ କାର୍ଯ୍ୟ ହେଉଛି କଂଗ୍ରେସ ସରକାରରେ ଏହାର ପରିକଳ୍ପନା ବି କରଯାଇ ନପାରେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମେ ଦେଶରେ ଗରିବଙ୍କ ନିମନ୍ତେ ୪ କୋଟି ଗୃହ ନିର୍ମାଣ କରିଛୁ। ଏଥିରେ ସହରାଞ୍ଚଳ ଗରିବଙ୍କ ନିମନ୍ତେ ୮୦ ଲକ୍ଷ ପକ୍କା ଘର ମଧ ହୋଇଛି। କଂଗ୍ରେସ ଯଦି ଏହି କାମ କରିଥାନ୍ତା ଏଥି ପାଇଁ ୧୦୦ ବର୍ଷ ଲାଗିଥାନ୍ତା ଓ ୧୦୦ ପିଢି ବିତିଯାଇଥାନ୍ତା। ପ୍ରଧାନମନ୍ତ୍ରୀ ମୁଦ୍ରାସ୍ଫୀତିକୁ ନେଇ ମଧ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ୟୁକ୍ରେନ ଓ ଗାଜା ଯୁଦ୍ଧରେ ମଧ ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ଥିବା କହିଛନ୍ତି। ତେବେ କଂଗ୍ରେସ ସରକାରରେ ମୁଦ୍ରାସ୍ଫୀତିକୁ ନେଇ ମୂଲ୍ୟବୃଦ୍ଧି ଡାଆଣୀ ଓ ମହଙ୍ଗାଇ ମାରଗଇ ଗୀତ ସୁପରହିଟ ହୋଇଥିଲା ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଚଳିତ ବଜେଟ ଅଧିବେଶନ କେନ୍ଦ୍ରରେ ମୋଦି ସରକାରଙ୍କ ଶେଷ ଅଧିବେଶନ।

## ଆରବିଆଇର ମୁଦ୍ରାନୀତି ...

ଆରବିଆଇ ଗଭର୍ଣ୍ଣର ନୀତିଗତ ସୁଧହାର ସମ୍ପର୍କରେ ଏମପିସିରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗୁରୁବାର ସୂଚିତ କରିବେ। ଏମପିସି ମେ ୨୦୨୨ରୁ ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ ରେପୋ ହାରରେ ମୋଟ ୨.୫ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ଏହା ପରଠାରୁ ରେପୋ ହାର କ୍ରମାଗତ ସ୍ଥିର ରହିଛି। ଏମପିସିରେ ୩ ବାହର ସଦସ୍ୟ ଓ ଆରବିଆଇଙ୍କ ୩ ଅଧିକାରୀ ଅଛନ୍ତି। ପ୍ୟାନେଲରେ ବାହର ସଦସ୍ୟ ଭାବେ ଶଶାଙ୍କ ଭିଡେ, ଆଶିମା ଗୋୟଲ ଓ ଜୟନ୍ତ ଆର. ବର୍ମା ଅଛନ୍ତି। ସେହିପରି ଆରବିଆଇ ପକ୍ଷରୁ ଗଭର୍ଣ୍ଣର ଦାସଙ୍କ ବ୍ୟତୀତ ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ର ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ ରାଜୀବ ରଞ୍ଜନ ଅଛନ୍ତି। ତେବେ ଭାରତୀୟ ଷ୍ଟେଟବ୍ୟାଙ୍କ (ଏସବିଆଇ) ତାର ଏକ ରିପୋର୍ଟରେ ଆରବିଆଇର ଏଥର ସମୀକ୍ଷାରେ ମଧ ତାଙ୍କ ନୀତିଗତ ନିଷ୍ପତ୍ତିକୁ କାୟମ ରଖିପାରନ୍ତି ବୋଲି ଆକଳନ କରିଛନ୍ତି। ରିପୋର୍ଟ ଅନୁସାରେ ନୀତିଗତ ହାରରେ ହ୍ରାସ ଅଥବା ବୃଦ୍ଧି ଜୁନ-ଅଗଷ୍ଟ ଅବଧିରେ ହେବାର ଅନେକ ସମ୍ଭାବନା ରହିଛି।

## ଜାରି ହେଲା ସିବିଏସ୍‌ଇ ...

ଲଗ ଇନ କରି ସିବିଏସ୍‌ଇ ଆଡମିଟ କାର୍ଡ ୨୦୨୪ ଡାଉନଲୋଡ କରିପାରିବେ। ସିବିଏସ୍‌ଇ ବୋର୍ଡର ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ନିଜ ସ୍କୁଲରୁ ଆଡମିଟ କାର୍ଡ ନେବାକୁ ପଡିବ। ଦିନେ ଦୁଇ ଦିନ ମଧରେ ସ୍କୁଲଗୁଡ଼ିକ ଆଡମିଟ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବେ। ଆଡମିଟ କାର୍ଡ କେବେ ପାଇବେ ତାହା ଜାଣିବା ପାଇଁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବାକୁ ପଡ଼ିବ। ସିବିଏସଇ ଦଶମ, ଦ୍ୱାଦଶ ଆଡମିଟ କାର୍ଡ ୨୦୨୪ରେ ଛାତ୍ରଛାତ୍ରୀଙ୍କ ନାମ, ରୋଲ ନମ୍ବର, ପରୀକ୍ଷା କେନ୍ଦ୍ର, ରିପୋର୍ଟିଂ ସମୟ ଇତ୍ୟାଦିର ବିବରଣୀ ରହିଛି। ସିବିଏସଇ ଆଡମିଟ କାର୍ଡରେ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ମଧ ରହିଛି, ଯାହା ସିବିଏସଇ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜରୁରୀ। ସିବିଏସଇ ଦଶମ, ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨ ରେ ଶେଷ ହେବ। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ସିବିଏସଇ ବୋର୍ଡ ପରୀକ୍ଷା ଗୋଟିଏ ଦିନରୁ ଆରମ୍ଭ ହେଉଛି। ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫେବ୍ରୁଆରି ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩, ୨୦୨୪ରେ ଶେଷ ହେବ। ସିବିଏସଇ ବୋର୍ଡ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨ ରେ ଶେଷ ହେବ।

## ପାରଳାଖେମୁଣ୍ଡି ଓ...

୩୩.୫, ଭଦ୍ରକରେ ୩୩.୧ ଓ ଢେଙ୍କାନାଳରେ ୩୩.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ବାଲେଶ୍ୱରରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୨.୩ ରହିଥିବା ବେଳେ ବାରିପଦାରେ ୩୧, ସମ୍ବଲପୁରରେ ୩୨.୧, ହୀରାକୁଦରେ ୩୨.୪, ତାଳଚେରରେ ୩୨.୮, ଫୁଲବାଣୀରେ ୩୨.୪, ବୌଦ୍ଧରେ ୩୨, ରାୟଗଡ଼ାରେ ୩୨.୮, ନୂଆପଡ଼ାରେ ୩୨ ଓ ନବରଙ୍ଗପୁରରେ ୩୨.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗତ ରାତିରେ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୨ରୁ ୫ ଡିଗ୍ରୀ ଯାଏଁ ରାତି ତାପମାତ୍ରା ଅଧିକ ରହିଥିଲା। ଆଭ୍ୟନ୍ତରୀଣ ଓଡ଼ିଶାରେ ରାତି ତାପମାତ୍ରା ୩ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ସେହିପରି ଆଗାମୀ ୩ ଦିନ ଯାଏ ରାଜ୍ୟରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ପରବର୍ତ୍ତୀ ୨ ଦିନ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ଘଟିବାରେ ସମ୍ଭାବନା ରହିଛି।

## ବ୍ରିକ୍ସର ଚତୁର୍ଥ ...

ରହିଛି। ଦେଶରେ ସମୁଦାୟ ୧୨୦ ବିଲେନିୟର ଅଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷରେ ଭାରତରେ ମଧ ବ୍ୟକ୍ତିଗତ ସମ୍ପତ୍ତିରେ ୮୫ ପ୍ରତିଶତ ବୃଦ୍ଧି ହୋଇଛି। ସେହିଭଳି ରିପୋର୍ଟରେ ଆହୁରି ଅନୁମାନ କରାଯାଇଛି ଯେ, ସିଲିକନ ଭ୍ୟାଲି ନାମରେ ପ୍ରସିଦ୍ଧ ବେଙ୍ଗାଲୁରୁ ସହର ଆଗାମୀ ୧୦ ବର୍ଷରେ ଦୁନିଆର ସବୁଠୁ ଦ୍ରୁତ ଭାବରେ ବୃଦ୍ଧି ହେଉଥିବା ମିଲେନିୟରଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ମଧ୍ୟରୁ ଗୋଟିଏ ହେବ। ଏହା ସହ ଆହୁରି ମଧ ଅନୁମାନ କରାଯାଇଛି ଯେ, ବ୍ରିକ୍ସ ଦେଶଙ୍କ ମଧରେ ଭାରତରେ ବ୍ୟକ୍ତିଗତ ସମ୍ପତ୍ତିରେ ମଧ ସବୁଠୁ ବଡ଼ ବୃଦ୍ଧି ଦେଖିବାକୁ ମିଳିପାରେ। ରିପୋର୍ଟରେ ୧୦ ବ୍ରିକ୍ସ ଦେଶଙ୍କ ମଧରେ ବ୍ରାଜିଲ, ଋଷ, ଭାରତ, ଦକ୍ଷିଣ ଆଫ୍ରିକା, ମିଶର, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇରେ ରହୁଥିବା ଲୋକଙ୍କ ସମ୍ପତ୍ତିର ଆକଳନ କରାଯାଇଥିଲା।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

# ରାଜ୍ୟର କୋମଳ ଶକ୍ତି' ଗ୍ରହଣଶୀଳତା ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସାଂସ୍କୃତିକ ବିଭବ, କଳା, ଭାସ୍କର୍ଯ୍ୟ, ମନ୍ଦିର ଓ କୀର୍ତ୍ତିରାଜି, ନୃତ୍ୟ-ସଂଗୀତ, ହସ୍ତଶିଳ୍ପ ଏବଂ ସ୍ୱଦେଶୀ କ୍ରୀଡ଼ାକୌଶଳ ଇତ୍ୟାଦି ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ସମୃଦ୍ଧ ଉପାଦାନ। ପ୍ରତ୍ୟେକ ଓଡ଼ିଆ ନିଜର ମୂଲ୍ୟ ଓ ସାଂସ୍କୃତିକ ଅଭିବ୍ୟକ୍ତି ବଳରେ ଓଡ଼ିଶାକୁ ସମୃଦ୍ଧ କରିପାରିବେ। ଗ୍ରହଣଶୀଳତା ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ର। ଓଡ଼ିଶାର କୋମଳ ଶକ୍ତି ଆଧାରରେ ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରାଯାଇପାରିବ ବୋଲି ଅତିଥିମାନେ ମତ ଦେଇଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରକୋଷ୍ଠରେ ଆଜି ଆୟୋଜିତ ଅଧିବେଶନରେ 'ସଂସ୍କୃତି ଏବଂ ଐତିହ୍ୟ: ରାଜ୍ୟର କୋମଳ ଶକ୍ତି' ପ୍ରସଙ୍ଗ ଉପରେ ବକ୍ତାମାନେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ଖ୍ୟାତି ସଂପନ୍ନ ହକି କ୍ରୀଡ଼ାବିତ୍ ତଥା ହକି ଇଣ୍ଡିଆର ଅଧକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓଡ଼ିଶାରେ କ୍ରୀଡ଼ା ପରିବେଶର ଭୂୟସୀ ପ୍ରଶଂସା କରି କହିଲେ ଯେ ଆମ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଓ କୋଚିଂର ବିକାଶ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆକୃଷ୍ଟ କରିଛି। ଓଡ଼ିଶାର ଯୁବପିଢ଼ି କ୍ରୀଡ଼ାକୁ ଲକ୍ଷ୍ୟ ଭାବରେ ଗ୍ରହଣ କରିବା ସହିତ ଓଡ଼ିଶାର ପରିଚୟକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଟୁଟୁ ପଟ୍ଟନାୟକ କହିଲେ ଯେ ଓଡ଼ିଶାର ସ୍ଥାପତ୍ୟ ଅତୁଳନୀୟ। ଓଡ଼ିଆ ସଂସ୍କୃତିର ଗ୍ରହଣଶୀଳତା ଯୋଗୁଁ ସାମାଜିକ-ଧାର୍ମିକ-ସାଂସ୍କୃତିକ ଉପାଦାନଗୁଡ଼ିକ ଆମ ଜୀବନଧାରାକୁ ଋଦ୍ଧିମନ୍ତ କରିଛି। ବିଶ୍ୱର ଅନେକ ଦେଶରେ ଓଡ଼ିଆ ପୁଅର କଳାକୃତି ପହଞ୍ଚିଛି। ଜାଭିୟର୍ ବିଶ୍ୱବିଦ୍ୟାଳୟର ଡିନ୍ ଡ. ମିଶ୍ର କହିଲେ ଯେ ଓଡ଼ିଶୀ ସ୍ଥାପତ୍ୟର ବିବିଧତାରେ ନିରନ୍ତରତା ଓ ସ୍ୱତନ୍ତ୍ର ପରିଚିତି ନିହିତ। ଏହି ସ୍ଥାପତ୍ୟ ଶୈଳୀ ଅତ୍ୟନ୍ତ ସମୃଦ୍ଧ ହୋଇଥିବାରୁ ଏ ବାବଦରେ ଅଧିକତର ଗବେଷଣା ଆବଶ୍ୟକ। ସେହିପରି ମନ୍ଦିର ତଥା କୀର୍ତ୍ତିରାଜିଗୁଡ଼ିକର ଅକୁହା ଭାଷା ଆମ ସଂସ୍କୃତିର ବାର୍ତ୍ତାବହ ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଗବେଷକ, ସଂପାଦକ ଓ ସଂଗଠକ ଚାରୁଦତ୍ତ ପାଣିଗ୍ରାହୀ କହିଲେ ଯେ ମାନବିକତା ହିଁ କୋମଳ ଶକ୍ତି। ଆମର ସଂସ୍କୃତି, ଭାଷା ଓ ହୃଦୟବତ୍ତା ହିଁ ଆମର କୋମଳ ଶକ୍ତି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ପ୍ରଶଂସା କରି ସେ କହିଲେ ଯେ ଦେଶ ଗଠନରେ ଓଡ଼ିଶାର ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ଏପରି ସମାବେଶ ଆମ ସଭ୍ୟତାର ଗୁଣବତ୍ତାକୁ ସମଗ୍ର ବିଶ୍ୱରେ ପ୍ରଚାରିତ କରିବାରେ ସହାୟକ ହେବ। ଓଡ଼ିଶୀ ନୃତ୍ୟଗୁରୁ, ଗବେଷିକା ତଥା ଲେଖୁ ପଦ୍ମଶ୍ରୀ ଇଲିଆନା ସିତାରିସ୍ତି ଏହି ଆଲୋଚନା ସଭାରେ ଅଧକ୍ଷତା କରି ଓଡ଼ିଶାର ଭାଷା ଓ ସଂସ୍କୃତି ରାଜ୍ୟ ବାହାର ଓ ବିଦେଶର ଲୋକଙ୍କୁ ଆକୃଷ୍ଟ କରିପାରିଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ନୃତ୍ୟ-ସଂଗୀତ, କଳାକୃତି, ଭାଷା-ସାହିତ୍ୟ ଇତ୍ୟାଦି ପରସ୍ପର ସହିତ ନିବିଡ଼ ଭାବରେ ଜଡ଼ିତ। ଅନୁରୂପ ଭାବରେ ଓଡ଼ିଶାର ସାମରିକ କ୍ରୀଡ଼ା, ଛଉ ଓ ଦଣ୍ଡ ଇତ୍ୟାଦି ଆତ୍ମରକ୍ଷା କୌଶଳ ଭାବରେ ବିକଶିତ ହୋଇପାରିବ। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ଜୀବନଶୈଳୀକୁ ସବୁବେଳେ ପ୍ରଭାବିତ କରିଆସିଛି ବୋଲି ସେ କହିଥିଲେ। ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପିକା ଡ. କନକଲତା ମହାପାତ୍ର ଆଲୋଚନା ସଭାରେ ସଂଯୋଜନା କରିଥିବାବେଳେ ତୁଳସୀପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସନ୍ଦୀପା ଶୁଭଦର୍ଶିନୀ ସାହୁ ମଧ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ଅତିଥି ବକ୍ତାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବେଦାନ୍ତ ପକ୍ଷରୁ ଆଦିବାସୀ ସମ୍ପ୍ରଦାୟଙ୍କୁ ବିଭିନ୍ନ ସହାୟତା ବଣ୍ଟନ



**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

ବେଦାନ୍ତଲିମିଟେଡ୍, ଲାଞ୍ଜିଗଡ଼, ଭାରତର ମେଟାଲୋଜିକାଲ୍ଗ୍ରେଡ୍ ଆଲୁମିନିୟମର ଉତ୍ପାଦନକାରୀ ତଥା ବେଦାନ୍ତ ଆଲୁମିନିୟମର ଏକଅଂଶ, ନିକଟରେ ଲାଞ୍ଜିଗଡ଼ରେ ସ୍ଥାନୀୟ ସମ୍ପ୍ରଦାୟ ସହିତ ଦାନ କରିବାର ଆନନ୍ଦକୁ ପାଳନ କରିଛି। ଅନ୍ତର୍ଭୂକ୍ତ ଅଭିବୃଦ୍ଧି ପ୍ରତିପୋଷଣ କରିବା ଏବଂ ବେଦାନ୍ତର ଇଚ୍ଛାକୁ ସେବା ଯୋଗାଇବା ତଥା ଏହାର କାର୍ଯ୍ୟକାରିତା ସହିତ ସ୍ଥାନୀୟ ସମ୍ପ୍ରଦାୟ ସହିତ ସଂଯୋଗ ସ୍ଥାପନ ପାଇଁ ବେଦାନ୍ତ ଲଞ୍ଜିଗଡ଼ର ସିଇଓ ଶ୍ରୀପ୍ରଣବ ଭଟ୍ଟାଚାର୍ଯ୍ୟ ଏବଂ ତାଙ୍କ ସହକର୍ମୀମାନେ ୫ଟି ବିଭିନ୍ନ ଗ୍ରାମକୁ ଯାତ୍ରାକରି ୫୦୦ରୁ ଅଧିକ ସମ୍ପ୍ରଦାୟର ସଦସ୍ୟଙ୍କ ନିକଟରେ ପହଞ୍ଚିଥିଲେ। ନୂତନ ପୋଷାକ ଏବଂ କମ୍ବଳ ବାଣ୍ଟିବା, ପୁଷ୍ଟିକର ଖାଦ୍ୟ, କ୍ରୀଡ଼ା ଉପକରଣ ଏବଂ ପିଲାମାନଙ୍କ ପାଇଁ ଚକୋଲେଟ୍ ଏବଂ ସ୍ନାକ୍ସ, ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ସହିତ ନୃତ୍ୟପରି ବିଭିନ୍ନ ମଜାଳିଆ କାର୍ଯ୍ୟ ତଥା ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଗୀତଗାଇବା, ସ୍ଥାନୀୟ ସଂସ୍କୃତିରେ ନିୟୋଜିତ ହୋଇ ଏହି ଦିନଟିକୁ ଏକ ହୃଦୟ ସ୍ପର୍ଶୀ ଭାବେ ପାଳନ କରିଥିଲେ।

# ବୁଢ଼ାବଳଙ୍ଗ ନଦୀରେ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଛଡ଼ାଗଲା

**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ଜିଲ୍ଲାର ମତ୍ସ୍ୟ ବିଭାଗ ତରଫରୁ ବୁଢ଼ାବଳଙ୍ଗ ନଦୀରେ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଛଡ଼ାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବ୍ଲକର ଦହପଡା ଗ୍ରାମପଞ୍ଚାୟତର ରାମଶଙ୍କର ମନ୍ଦିର ନିକଟସ୍ଥ ବାରୁଣୀ ଘାଟଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟେ ୪ ଲକ୍ଷ ରୋହି, ଭାକୁର ଓ ମିରିକାଳି ଯାଆଁଳ ଛଡାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ନଦୀରେ ଯାଆଁଳ ଛାଡିବା ବିଷୟରେ ଆଲୋକପାତ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ନଦୀରେ ମତ୍ସ୍ୟ ଯାଆଁଳ ଛାଡିବା ଦ୍ୱାରା ମତ୍ସ୍ୟଜୀବି ପରିବାର ବୃନ୍ଦ କିପରି ଉପକୃତ ହେବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ମତ୍ସ୍ୟ ବିଭାଗର ବିଭିନ୍ନ ଉନ୍ନତି ମୂଳକ ଯୋଜନାରେ ଯୋଡି ହୋଇ ଲାଭବାନ ହେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ଦହପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଣତି ଜେନା ଏହି କାର୍ଯ୍ୟକ୍ରମଟି ନଦୀରେ ମତ୍ସ୍ୟ ସମ୍ପଦର ସଂଖ୍ୟା ବୃଦ୍ଧି ପାଇଁ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ମନ୍ଦାରପୁର ସରପଞ୍ଚ ମଞ୍ଜୁଶ୍ରୀ ଦାସ ମଧ ଯୋଗଦାନ କରି ମତ୍ସ୍ୟ ଚାଷ ଏକ ଲାଭଜନକ ବ୍ୟବସାୟ ବୋଲି କହିଥିଲେ। ରେମୁଣା ବିଡ଼ିଓ ସଂଗ୍ରାମ କେଶରୀ ପରିଡା ଯୋଗଦାନ କରି ନଦୀରେ ମତ୍ସ୍ୟ ଯାଆଁଳ ଛାଡିଥିଲେ। ଦହପଡା ପଞ୍ଚାୟତର ଏକାଧିକ ମତ୍ସ୍ୟଜୀବି ଓ ଅନ୍ୟାନ୍ୟ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଶେଷରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ମୀରାମ୍ବିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

